## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଆଲୋଚନା

# ଶିକ୍ଷା ବ୍ୟବସ୍ଥାକୁ ଭାଙ୍ଗିବାକୁ ସରକାରଙ୍କ ଉଦ୍ୟମ

ପୁରୀ,୧।୨(ସମିସ)

ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଞ୍ଚିଛି। ବିଦ୍ୟାଳୟରେ ନା ଭିତ୍ତିଭୂମି ଅଛି ନା ଶିକ୍ଷକ ଅଛନ୍ତି। ଯେଉଁ ଶିକ୍ଷକ ଅଛନ୍ତି ସେମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରି ଶିକ୍ଷାଦାନ ବାଧାପ୍ରାପ୍ତ କରାଯାଉଛି। ରାଜ୍ୟରେ ୧ ଲକ୍ଷରୁ ଅଧିକ ଶିକ୍ଷକ ଖାଲିପଡ଼ିଥିଲେ ମଧ୍ୟ ସରକାର ଠିକା ଓ ଚୁକ୍ତିରେ ଶିକ୍ଷକ ନିଯୁକ୍ତି କରି ଉଚ୍ଚଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଶୋଷଣ କରୁଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଭାଙ୍ଗିବାକୁ ସରକାର ଚେଷ୍ଟା ଚଳାଇଛନ୍ତି ବୋଲି ରବିବାର ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ଆୟୋଜିତ ଶିକ୍ଷା ଶିବିର ଓ ଆଲୋଚନାଚକ୍ର 'ସାମ୍ପ୍ରତିକ ସ୍ଥିତିରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ'ରେ ଏହା ମତପ୍ରକାଶ ପାଇଛି।




ଏଥିରେ ଯୋଗଦେଇ ପ୍ରଫେସର ସୁରେନ୍ଦ୍ର କୁମାର ଜେନା କହିଛନ୍ତି, ଶାସକ ଶ୍ରେଣୀ ଓ ପୁଞ୍ଜିବାଦ ଶ୍ରେଣୀ ଯୋଗୁଁ ଆଜି ଶିକ୍ଷା ବ୍ୟବସ୍ଥା ଭାଙ୍ଗୁଛି। ଶିକ୍ଷା ଅଧିକାର ଆଇନକୁ ସରକାର ସଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ଡ୍ରପ୍ ଆଉଟ୍ ବଢ଼ୁଛି। ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧାସୁଯୋଗ ନ ଥିବା ଶିକ୍ଷକଙ୍କୁ ନିଯୁକ୍ତି କରୁଥିବାରୁ ସେମାନେ ସଠିକ୍ ଶିକ୍ଷାଦାନ କରୁନାହାନ୍ତି ବୋଲି ସେ କହିଥିଲେ। ସ୍ୱତନ୍ତ୍ର ବକ୍ତା ଭାବେ ସର୍ବଭାରତୀୟ ଶିକ୍ଷକ ସଂଗଠନର ଉପସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି କହିଥିଲେ ଯେ ସରକାରୀ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦ ସରକାର ଶୀଘ୍ର ପୂରଣ କରନ୍ତୁ। ପ୍ରାଥମିକ ବିଦ୍ୟାଳୟରେ କିରାଣି, ପିଅନ, ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ, ସଫେଇ କର୍ମଚାରୀ ନିଯୁକ୍ତି କରିବାକୁ ଦାବି କରିଥିଲେ। ଓଲୋଷ୍ଟାର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ଅଭିଭାବକ ଓ ଶିକ୍ଷକ ଏକାଠି ହୋଇ ଲଢ଼ିଲେ ଶିକ୍ଷାକୁ ବଞ୍ଚାଇ ରଖାଯାଇପାରିବ ବୋଲି କହିଥିଲେ।

ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଥିଲେ ଯେ, ସରକାର ଶିକ୍ଷା ଅଧିକାର ଆଇନକୁ ତର୍ଜମା ନ କରି ନୂତନ ଶିକ୍ଷାନୀତି ଲାଗୁ କରିଛନ୍ତି। ଭିତ୍ତିଭୂମିର ବିକାଶ କରିନାହାନ୍ତି କିମ୍ବା ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତି କରୁନାହାନ୍ତି। ଶିକ୍ଷା ଅଧିକାର ଆଇନକୁ ସଂଶୋଧନ କରି ପ୍ରାଥମିକ ବିଦ୍ୟାଳୟରେ ୨୦ ଅନୁପାତ ୧ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୫ ଅନୁପାତ ୧ରେ ଶିକ୍ଷକ ନିଯୁକ୍ତି କରିବାକୁ କହିଥିଲେ। ଶିକ୍ଷକମାନଙ୍କୁ ସମସ୍ତ ଅଣଶିକ୍ଷକ କାର୍ଯ୍ୟରୁ ମୁକ୍ତ କରି ସେମାନଙ୍କୁ କେବଳ ଶିକ୍ଷାଦାନରେ ନିଯୁକ୍ତି କରାଯାଉ। ଶିକ୍ଷକମାନଙ୍କର ମୌଳିକ ଦାବି ଯଥା ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା, ନିୟମିତ ଶିକ୍ଷକ ନିଯୁକ୍ତି, ପୁରୁଣା ପେନ୍ସନ ଲାଗୁ କରିବା ବୋଲି କହିଥିଲେ। ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୦ ଘଣ୍ଟା ପରେ ଗଙ୍ଗାଦେବୀ ମୁହାଣରୁ କୁମ୍ଭୀର ଉଦ୍ଧାର



ଅସ୍ତରଙ୍ଗ,୧।୨(ସମିସ): ଗତ ଦୁଇ ଦିନ ହେବ ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ଏକ ବଉଳା କୁମ୍ଭୀରର ଚଳପ୍ରଚଳରେ ଆତଙ୍କ ଖେଳିଥିଲା। ଗତ ଦୁଇ ମାସ ପୂର୍ବରୁ ପର୍ଯ୍ୟଟକମାନେ ପୀର୍ଜାହାନିଆ ସମୁଦ୍ରରେ ଗାଧୋଇଥିବା ସମୟରେ ଏକ କୁମ୍ଭୀର ଦେଖିଥିଲେ। ସେବେଠୁ ଦୁଇ ମାସର ବିରତି ପରେ ପୁନର୍ବାର ଶୁକ୍ରବାର ସକାଳୁ ଅସ୍ତରଙ୍ଗ ଡାଲୁଅକଣି, ଅଣକଣା ସମୁଦ୍ର କୂଳ ତଣ୍ଡାରେ ଦେଖିଯିବା ପରେ ଲୋକମାନଙ୍କ ଭିତରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହାପରେ ଅସ୍ତରଙ୍ଗ ବନାଞ୍ଚଳ ତରଫରୁ ସମସ୍ତ ପର୍ଯ୍ୟଟକଙ୍କୁ ସତର୍କ କରାଯାଇଥିଲା। ଦୁଇ ଦିନ ପରେ ରାଜନଗରର ଏକ ୬ ଜଣିଆ ର୍‌ୟାପିଡ୍ ରେସ୍‌ପନ୍ସ ଟିମ୍ ଓ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ କୁମ୍ଭୀରକୁ ଗଙ୍ଗା ଦେବୀ ମୁହାଣଠାରୁ କିଛି ଦୂର ବାଲିପଠାରେ କାବୁ କରିଥିଲେ। କାବୁ କରିବା ପରେ କୁମ୍ଭୀରଟିକୁ ଭିତରକନିକାକୁ ସ୍ଥଳପଥରେ ପଠାଯାଇଛି ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ସୂଚନା ଦେଇଛନ୍ତି। ଏହି ଉଦ୍ଧାର କାର୍ଯ୍ୟ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ବେହେରା, କାଳୀଚରଣ ମହାନ୍ତିଙ୍କ ସମେତ ଫରେଷ୍ଟ ଗାର୍ଡ, ଅନ୍ୟ କର୍ମଚାରୀଙ୍କୁ ପ୍ରାୟତଃ ୩୦ ଘଣ୍ଟାର ଅପରେସନ ପରେ ଏହି କାର୍ଯ୍ୟରେ ସଫଳତା ମିଳିଥିଲା।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମା' ଭୂଆସୁଣୀ କ୍ଲବ୍ ବିଜୟୀ



ନିମାପଡ଼ା,୧।୨(ସମିସ): ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ମା' ଭୂଆସୁଣୀ ଫୁଟ୍‌ବଲ୍ କ୍ଲବ୍ ବିଡ଼ାନାସୀ କଟକ ଏବଂ ଫ୍ରେଣ୍ଡସ ପାରାଡାଇଜ୍ ଫୁଟ୍‌ବଲ କ୍ଲବ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମା' ଭୂଆସୁଣୀ କ୍ଲବ୍ ୧-୦ ଗୋଲ୍‌ରେ ଜଟଣୀକୁ ଠହପରାସ୍ତ କରି ବିଜୟ ଲାଭ କରିଥିଲା। ମା' ଭୂଆସୁଣୀ କ୍ଲବ୍‌ର ୯ ନଂ ଖେଳାଳି ସାହେବ ରାଉତ ଗୋଟିଏ ଗୋଲ୍ ଦେଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌ରେ ରେଫରୀ ଭାବେ ବିଜୟ ମଙ୍ଗରାଜ, ପ୍ରଫୁଲ୍ଲ ବେହେରା, ଗିରିଶ ଚନ୍ଦ୍ର ଜାନୀ ଓ ସୁଶାନ୍ତ ରାଉତରାୟ ଦାୟିତ୍ୱ ସମ୍ପନ୍ନ କରିଥିଲେ। ମୁଖ୍ୟ ଅତିଥିଭାବେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ ମ୍ୟାଚ୍‌ଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ ଏବଂ ଆସୋସିଏସନ୍ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ମ୍ୟାଚ୍‌ରେ ସହଯୋଗ କରିଥିଲେ କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପଦ୍ମଚରଣ ପାଣିଗ୍ରାହୀ, ପ୍ରକାଶ ବରାଳ, ବିଶ୍ୱଜିତ୍ ମଲ୍ଲିକ ଏବଂ ଜିତେଶ କାନୁନ୍‌ଗୋ। ସୋମବାର ଗଣ୍ଡରପୁର ଭୁବନେଶ୍ୱର ଏବଂ ମିଶନ ଟାଇଗର ବାଲେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆଥଲେଟିକ ଆସୋସିଏସନ୍ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି।

## ଭାଗବତ ସପ୍ତାଙ୍ଗ ବିଶ୍ୱଶାନ୍ତି ମହାଯଜ୍ଞ

ପିପିଲି,୧।୨(ସମିସ): ଗତ ଜାନୁଆରୀ ୨୬ ତାରିଖଠାରୁ ଚଳିତ ମାସ ୧ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅଧୀନ ସରସ୍ୱତୀପୁର ପଞ୍ଚାୟତ ସୁବଳୟାପାଟଣା ଗ୍ରାମରେ ଭାଗବତ ସପ୍ତାଙ୍ଗ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହାରି ମଧ୍ୟରେ ୭ଦିନ ଧରି ଶ୍ରୀମଦ୍ ଭାଗବତ ପଠନ କରାଯାଇ ପବିତ୍ର ମାଘ ପୂର୍ଣ୍ଣିମା ଭୋର୍ ସମୟରେ ମହାଦୀପ ନାମ ସଂକୀର୍ତ୍ତନ ଦ୍ୱାରା ଗ୍ରାମ ଚତୁଃପାଶ୍ୱର୍ ପରିକ୍ରମା କରାଯାଇଛି। ପରେ ପଣ୍ଡିତମାନଙ୍କ ଦ୍ୱାରା ଗ୍ରାମ ଠାକୁରାଣୀଙ୍କ ପୀଠରେ ସ୍ଥାପନ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଶେଷ ହୋଇଛି। ପରେ କଳସଧାରୀମାନେ ନିକଟସ୍ଥ ଭାର୍ଗବୀ ଦୟା ନଦୀରେ ବିସର୍ଜନ କରାଯାଇଛି।

## ମାଘ ପୂର୍ଣ୍ଣିମାରେ ଗାଁମାନଙ୍କରେ ଅଗ୍ନି ଉତ୍ସବ



ବ୍ରହ୍ମଗିରି,୧।୨(ସମିସ): ଆମ ଓଡ଼ିଆ ସଂସ୍କୃତି ପରମ୍ପରାରେ ବାର ମାସରେ ତେର ପର୍ବ ପାଳିତ ହୋଇ ଆସୁଛି। ତା' ମଧ୍ୟରୁ ମାଘ ମାସର ପୂର୍ଣ୍ଣିମା ଅନ୍ୟତମ। ଏହି ପୂର୍ଣ୍ଣିମାକୁ ଅଗିରା ପୂର୍ଣ୍ଣିମା ମଧ୍ୟ କୁହାଯାଇଥାଏ। ଏହି ଦିନ ପ୍ରତ୍ୟେକ ଗାଁର ପ୍ରଥମ ଅଥବା ଶେଷ ମୁଣ୍ଡରେ ଅଗ୍ନି ଦେବତାଙ୍କୁ ସନ୍ତୁଷ୍ଟି କରିବା ପାଇଁ ଅଗ୍ନି ଉତ୍ସବ ପାଳନ ରାଯାଇଥାଏ। ଏଥିପାଇଁ ଏହି ପୂର୍ଣ୍ଣିମାକୁ ଅଗ୍ନି ବା ଅଗିରା ପୂର୍ଣ୍ଣିମା କୁହାଯାଇଥାଏ। ଅତୀତରେ ପ୍ରତି ଗାଁରେ ଚାଳ ଛପର ଘର ରହିଥିଲା। ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଘର, ଧନଜୀବନ କ୍ଷତି ହେଉଥିଲା। ଅଗ୍ନି ଦେବତାଙ୍କୁ ସନ୍ତୁଷ୍ଟ କଲେ ଅଗ୍ନିକାଣ୍ଡ ବିପତ୍ତିରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଣୁ ମାଘ ପୂର୍ଣ୍ଣିମା ଦିନ ପ୍ରାୟ ସବୁ ଗାଁରେ ଅଗ୍ନି ଉତ୍ସବ ପାଳନ କରାଯାଇଥାଏ। ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ମଧ୍ୟ ଅଗ୍ନି ଉତ୍ସବ ପାଳିତ ହୋଇଥାଏ। ଗାଁର ପିଲାମାନେ ଘର ଘର ବୁଲି ନଡ଼ା (କୁଟା) ସଂଗ୍ରହ କରିଥା'ନ୍ତି। ଗାଁର ଶେଷ ଅଥବା ପ୍ରଥମ ମୁଣ୍ଡରେ ଏକ ଖୋଲା ସ୍ଥାନକୁ ଲିପା ପୋଛା କରାଯାଇ ଏକ ବାଉଁଶର ଅଗ (ଅଗିରା)କୁ ପୋତି ଚତୁଃପାଶ୍ୱର୍ରେ ଘରୁ ସଂଗ୍ରହ ହୋଇଥିବା କୁଟା, ନଡ଼ାକୁ ଦେଉଳ ପରି ସଜାଇ ଦିଆଯାଏ। ବ୍ରାହ୍ମଣ ଆସି ସେଠାରେ ଅଗ୍ନି ଦେବତାଙ୍କୁ ଫଳ ମୂଳ ଭୋଗ ଲାଗି କରିଥାଆନ୍ତି। ଗ୍ରାମର ଲୋକମାନେ ବାଜା ବଜାଇ, ସଙ୍କୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ଯାଇ ଦେଉଳ ପରି ସଜ୍ଜିତ ହୋଇଥିବା କୁଟା, ନଡ଼ା ଚାରିପଟେ ପରିକ୍ରମା କରିଥା'ନ୍ତି। ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ସରିବା ପରେ ଅଗ୍ନି ସଂଯୋଗ କରାଯାଏ। ହୁତୁହୁତୁ ହୋଇ ଜଳି ଉଠେ ନଡ଼ା କୁଟା। ଅଗ୍ନି ଲାଗିଥିବା ଜାଗାରେ ସମସ୍ତେ ହରିବୋଲ ହୁଳହୁଳି ପକାଇବା ସହିତ ଅଗ୍ନି ଦେବତାଙ୍କୁ ମୁଣ୍ଡିଆ ମାରି ତାଙ୍କ ଘରକୁ ଅଗ୍ନି ବିପତ୍ତିରୁ ରକ୍ଷା କରିବାକୁ ଗୁହାରି କରିଥାନ୍ତି। ଏଥିସହିତ ନିଜ ନିଜ ଘରୁ ଆଣିଥିବା ଆଳୁ, ବାଇଗଣ, ଟମାଟୋ, କନ୍ଦମୂଳ, ନଡ଼ିଆ, ସାରୁ ପ୍ରଭୃତିକୁ ସେହି ଅଗ୍ନି ଭିତରକୁ ଫିଙ୍ଗିଥା'ନ୍ତି। ଅଗ୍ନି ଲିଭିଯିବା ପରେ ଏ ସବୁ ପୋଡ଼ା ପରିବାକୁ ଅଗ୍ନି ଦେବତାଙ୍କ ପ୍ରସାଦ ଭାବେ ଗ୍ରହଣ କରିଥା'ନ୍ତି।

## ଜାତୀୟ ରାଜପଥରେ କିନ୍ନରଙ୍କୁ ହତ୍ୟା

ପିପିଲି,୧।୨(ସମିସ): ପିପିଲି ଥାନା ଅନ୍ତର୍ଗତ ସିଫା ଗେଟ୍ ନିକଟରେ ୩୧୬ ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଜଣେ କିନ୍ନରଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ମୃତକ ଜଣକ ସୋନା ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ପ୍ରକାଶ ଯେ, ଉକ୍ତ କିନ୍ନର ଜଣକ କିଛିଦିନ ହେଲା ଉକ୍ତ ଅଞ୍ଚଳରେ ରାସ୍ତାକଡ଼ରେ ଠିଆ ହୁଅନ୍ତି। କିଛି ଦୁର୍ବୃତ୍ତଙ୍କ ସହ ତାଙ୍କର କୌଣସି କାରଣକୁ ନେଇ ଯୁକ୍ତିତର୍କ ହେବା ଦ୍ୱାରା ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର୍ ହୋଇଯାଇଥିବା ପୁଲିସ ଅନୁମାନ କରୁଛି। ସାଥୀ କିନ୍ନରମାନେ ଏନେଇ ଉତ୍ତରା ପୁଲିସକୁ ଖବର ଦେଇଥିଲେ। ଘଟଣାଟି ପିପିଲି ଥାନା ଅଞ୍ଚଳରେ ହୋଇଥିବାରୁ ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅନ୍ୟ କିନ୍ନରମାନେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ହୋ-ହଲ୍ଲା କରିବା ସହ ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବି କରିଛନ୍ତି। ଅନ୍ୟପକ୍ଷରେ ପିପିଲି ପୁଲିସ ମୃତ କିନ୍ନରଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରି ତଦନ୍ତ ଜାରି ରଖିଛି ବୋଲି ପିପିଲି ଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ପ୍ରକାଶ କରିଛନ୍ତି।

## କାକଟପୁର ଥାନାରେ ମେଗା ରକ୍ତଦାନ ଶିବିର

## ୧୧୬ ୟୁନିଟ୍ ରକ୍ତ ସଂଗ୍ରହ



କାକଟପୁର/ବାଙ୍କୁରିଗାଁ/କୁଣ୍ଡେଇ,୧।୨(ସମିସ): ପୁରୀ ଜିଲ୍ଲା କାକଟପୁର ଥାନା ଆମ ପୁଲିସ ସମିତି ଓ ଶିକ୍ଷାର ବିକାଶ ଏଜୁକେସନାଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର କାକଟପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ଶିକ୍ଷାର ବିକାଶ ଏଜୁକେସନାଲ ଟ୍ରଷ୍ଟର ମୁଖ୍ୟ ଦିବ୍ୟରଞ୍ଜନ ସାହୁ, କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, କଟକ ରେଡ୍‌କ୍ରସର ନିର୍ଦ୍ଦେଶକ ଡ. ଚନ୍ଦ୍ରିକା ପ୍ରସାଦ ଦାଶ, ପୁରୀର ଆଡିସ୍‌ନାଲ ପବ୍ଲିକ୍ ହେଲ୍‌ଥ ଅଫିସର ଡ. ବିନୋଦ ରଥ, କାକଟପୁରର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ କାକଟପୁର ଅଞ୍ଚଳର ସମସ୍ତ ସାମ୍ବାଦିକ ବନ୍ଧୁ, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ବ୍ୟବସାୟୀ, ମିଶନ ଶକ୍ତି ମହିଳା, ଯୁବକ ଏବଂ ବିଭିନ୍ନ ଶ୍ରେଣୀର ଲୋକମାନେ ରକ୍ତଦାନ କରିବା ସହିତ ସହଯୋଗ କରିଥିଲେ। ଏହି ଶିବିରରେ ପ୍ରାୟ ୧୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ କଟକ ରେଡ୍‌କ୍ରସର ଏକ ଡାକ୍ତରୀ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଥାଲାସେମିଆ ରୋଗୀମାନଙ୍କ ନିମନ୍ତେ ଉକ୍ତ ରକ୍ତଦାନ ଶିବିରର ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକମାନେ ସୂଚନା ଦେଇଥିଲେ। କେବିଇଏମ୍ ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ, କାକଟପୁର ଥାନାର ସମସ୍ତ କର୍ମଚାରୀ, ସାମ୍ବାଦିକ ଶିବିରକୁ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ କାକଟପୁର ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକଙ୍କୁ କାକଟପୁର ଥାନା ଆମ ପୁଲିସ ସମିତି ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ପ୍ରତିଯୋଗିତା



ସାକ୍ଷୀଗୋପାଳ,୧।୨(ସମିସ): ଆସନ୍ତା ୫ରୁ ୮ ତାରିଖ ପର୍ଯ୍ୟନ୍ତ ଚାରି ଦିନବ୍ୟାପୀ ୧୦ମ ସତ୍ୟବାଦୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସତ୍ୟବାଦୀ ବ୍ଲକ୍ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ୧୫୩ ବିଦ୍ୟାଳୟର ୨୫୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବିଭାଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଂଗୀତ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ଶତପଥି ସୂଚନା ଦେଇଛନ୍ତି। ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସଂଯୋଜକ ଜାନକୀ ବରାଳ, ସାଂସ୍କୃତିକ ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଦେବ ମିଶ୍ର, ସହସମ୍ପାଦକ ଭବାନୀ ଶଙ୍କର ନନ୍ଦ ଓ ବସନ୍ତ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବରେ ରାଜେଶ ସାହୁ, ପୂଜାରାଣୀ ସାହୁ, ଦିଗାମ୍ବର ରଥ ଓ ପରେଶ ମହାନ୍ତି ଦାୟିତ୍ୱ ସମ୍ପାଦନ କରିଥିଲେ। ସିଆର୍‌ସି ସୁନୀଲ ବେହେରା, ସରସ୍ୱତୀ ବିଦ୍ୟାମନ୍ଦିର ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ ଓ ମୃତ୍ୟୁଞ୍ଜୟ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

## ପାନୀୟ ଜଳ ଡିସ୍‌ପେନ୍ସର ପ୍ରଦାନ

ଚାରିଛକ,୧।୨(ସମିସ): ସ୍ଥାନୀୟ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟକୁ ଏକ ପାନୀୟ ଜଳ ଡିସ୍‌ପେନ୍ସର ପ୍ରଦାନ କରାଯାଇଛି।



ଏହି ପାନୀୟ ଜଳ ଡିସ୍‌ପେନ୍ସର ଦ୍ୱାରା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀମାନେ ଉପକୃତ ହେବେ। ଉକ୍ତ ଡିସ୍‌ପେନ୍ସରଟି ପ୍ରଦାନ ସମୟରେ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ପ୍ରଫେସର ମିତ୍ରା ମହାପାତ୍ର, ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଅଧ୍ୟାପିକା ଡ. ଶ୍ରୀଲେଖା ନାୟକ, ଏନ୍‌ସିସି ମେଜର ପୁଷ୍ପଲତା ଦଉ, ଅଧ୍ୟକ୍ଷ ଜୀବନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରମାମାଟିରେ ଅଷ୍ଟପ୍ରହରୀ ନାମ ଯଜ୍ଞ



କୃଷ୍ଣପ୍ରସାଦ,୧।୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ରତାମାଟି ଗ୍ରାମଠାରେ ଅଷ୍ଟପ୍ରହରୀ ନାମ ଯଜ୍ଞ ମହାଆଡ଼ମ୍ବର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଗ୍ରାମ ପୁଷ୍କରିଣୀରୁ ପୂଜାର୍ଚ୍ଚନା ପରେ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମଣ୍ଡଳ ପ୍ରାଙ୍ଗଣରେ ପହଞ୍ଚିଥିଲେ। ଗଞ୍ଜାମ ଜିଲ୍ଲାର ମଥୁରା ମଠର କମଳଲୋଚନ ଦାସ ମହାରାଜଙ୍କ ଦ୍ୱାରା ବୈଦିକ ରୀତିରେ ପୂଜାର୍ଚ୍ଚନା କରିବା ପରେ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା। ସକାଳ ୮ଟା ୪୫ରେ ନାମ ଆରମ୍ଭ କରାଯାଇ ୨ ତାରିଖ ସକାଳ ୮ଟା ୪୫ରେ ଶେଷ କରାଯାଇ ଦଧିଭାଣ୍ଡ ଭଙ୍ଗାଯିବ କହିଛନ୍ତି। ଏଥିରେ ୬ ମେଳ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ କରି ଅଞ୍ଚଳକୁ ଏକ ଆଧ୍ୟାତ୍ମିକ ପରିବେଶରେ ପରିଣତ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ରବିନ୍ଦ୍ରନାଥ ବିଶ୍ୱାଳ, ସମ୍ପାଦକ ବିପ୍ରବର ନାୟକ ଉତ୍ସବକୁ ପରିଚାଳନା କରୁଥିବାବେଳେ ପ୍ରାଣନାଥ ବିଶ୍ୱାଳ, ଯୋଗେନ୍ଦ୍ର ନାଥ ପଲେଇ, ବୃନ୍ଦାବନ ବିଶ୍ୱାଳ, ଲକ୍ଷ୍ମୀଧର ନାୟକ, ପର୍ଶୁରାମ ପଲେଇ, ପ୍ରବଚକ ବାବୁଲା ନାୟକ, ନବକିଶୋର ପଲେଇ, ବାହୁଡ଼ା ପଲେଇ, ବାସୁଦେବ ବିଶ୍ୱାଳ, ରାମଚନ୍ଦ୍ର ନାୟକଙ୍କ ସମେତ ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାଇୱା ଚାଳକ ମୃତ

ଚାରିଛକ,୧।୨(ସମିସ): ଚାରିଛକ ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଓଡ଼ଗାଁ କେନାଲ ବନ୍ଧ କାର୍ଯ୍ୟ ଚାଲୁଥିବା ସମୟରେ ଶନିବାର ରାତିରେ ଏକ ଗୋଡ଼ି ବୋଝେଇ ହାଇୱା ଗୋଡ଼ି ଖାଲି କରୁଥିବା ସମୟରେ ଅସାବଧାନତା ବସତଃ ଗାଡ଼ି ଡାଲାଟି ଉପରେ ଟଣା ହୋଇଥିବା ୧୧ କେଭି ବିଦ୍ୟୁତ୍ ଲାଇନ୍‌ରେ ଲାଗିଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଡ଼ି ଚାଳକ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତକ ଜଣକ ହେଲେ ଖୋର୍ଦ୍ଧା ବାଘମାରୀ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ଜୟନ୍ତ ନାୟକ (୪୭)। ଖବର ପାଇ ଚାରିଛକ ଥାନା ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଗାଡ଼ିଟିକୁ ଜବତ କରି ୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଶାଳ ହିନ୍ଦୁ ସମ୍ମିଳନୀ ଓ ୧୦୮ ହନୁମାନ ଚାଳିଶା

ଚାରିଛକ,୧।୨(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ତୁଳସୀପୁର ଗ୍ରାମର ମା' କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ନିମାପଡ଼ା ଖଣ୍ଡ ତୁଳସୀପୁର ଓ ବାହାରଣା ମଣ୍ଡଳର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଓ ୧୦୮ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଆଦିତ୍ୟ ଶଙ୍କର କରଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ଅତିଥିଭାବେ ପୁରୀ ଜିଲ୍ଲା ଗୋଶାଳା କମିଟିର ମୁଖ୍ୟ ପ୍ରଭାତ ମହାପାତ୍ର, ସୁଶାନ୍ତ ପରିଡ଼ା, ବନ ବିହାରୀ ଦାଶ, ଅନିରୁଦ୍ଧ ତ୍ରିପାଠୀ, ପଣ୍ଡିତ ଅମୂଲ୍ୟ କୁମାର ନନ୍ଦ, ଅତୁଳନନ୍ଦ ଗିରି, ପ୍ରେମାନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ସମସ୍ତ ହିନ୍ଦୁ ସଂଗଠିତ ହେବାକୁ ଆହ୍ୱାନ ଦେବା ସହ ସ୍ୱଦେଶ ସାମଗ୍ରୀ ବ୍ୟବହାର କରିବା ଓ ବିଦେଶୀ ସାମଗ୍ରୀ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସମାଜସେବା ପାଇଁ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ପ୍ରଫୁଲ୍ଲ କୁମାର କର, ସ୍ତମ୍ଭକାର ସନ୍ତୋଷ କୁମାର ଦାଶ, ସମାଜସେବୀ ଶଙ୍କର ରାଉତ, ପ୍ରକାଶ ଚନ୍ଦ୍ର ସାହୁ, ଅରକ୍ଷିତ ଭୋଇ, ଦିଲ୍ଲୀପ ଦାସ, ଦ୍ୱିଜବର ସାହୁ, ଗୋକୁଳାନନ୍ଦ ବେହେରା, ଭାଗୀରଥି ଓଝା, ଅଜୟ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୌରୀ ପ୍ରସାଦ ତ୍ରିପାଠୀ, ରଜନୀକାନ୍ତ ତ୍ରିପାଠୀ, ଶଶୀଭୂଷଣ ସାହୁ, ପ୍ରସନ୍ନ କର, ତୋଫାନ ପାତ୍ର, ସୁଶାନ୍ତ ସାହୁ, ବିଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# କଣାସ ପୁଲିସ ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କଣାସ,୧।୨(ସମିସ)

କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଥାନା ପରିସରରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ଚନ୍ଦନପୁର ଥାନା ଅଧିକାରୀ ଭୁବନ ମୋହନ ସାମନ୍ତରାୟ, ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ, ଗଡ଼ିଶାଗୋଡା ଥାନା ଅଧିକାରୀ ସୁଧୀର କୁମାର ଦାସ, ଶୁଭେନ୍ଦୁ ଭୂଷଣ ମହାନ୍ତି, କଣାସ ବ୍ଲକ୍ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଯୋଗଦେଇ ଅବସର ନେଇଥିବା କଣାସ



ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକଙ୍କ କଣାସ ଥାନାରେ ୬ମାସ ରହଣି ମଧ୍ୟରେ କିପରି ଲୋକ ପ୍ରତିନିଧି, ଜନତା, ସାମ୍ବାଦିକ ଓ ରାଜନେତାଙ୍କ ଲୋକପ୍ରିୟତା ଅର୍ଜନ କରି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିପାରିଥିଲେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ସହିତ ଉପଢ଼ୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଶେଷ ଜୀବନ ନିରାମୟରେ କଟିବା ପାଇଁ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ। ହରିହର ଭୋଳା ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଗଡ଼ସାହି ସରପଞ୍ଚ ବିଭୂତି ଭୂଷଣ ବେବର୍ତ୍ତା, କଣାସ ଥାନା ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା, ଏଏସ୍‌ଆଇ ରବୀନ୍ଦ୍ର କୁମାର ସାମନ୍ତରାୟ ଅବସର ନେଇଥିବା ଶ୍ରୀ ନାୟକଙ୍କ ଲୋକପ୍ରିୟତା ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀ ନାୟକ ତାଙ୍କର ବକ୍ତବ୍ୟରେ କହିଥିଲେ, କଣାସ ଅଞ୍ଚଳରେ ୬ମାସ କାର୍ଯ୍ୟ କରିବା ଭିତରେ କଣାସ ଅଞ୍ଚଳବାସୀ ମୋତେ ଯେତିକି ସାହାଯ୍ୟ ଓ ସହଯୋଗ କରିଛନ୍ତି ସେହିପରି ସାହାଯ୍ୟ କରି କଣାସ ଅଞ୍ଚଳକୁ ଆଗେଇନେବା ପାଇଁ ନିବେଦନ କରିଥିଲେ।

ଶ୍ରୀ ନାୟକଙ୍କ ଅବସର ପରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନାରେ କାର୍ଯ୍ୟ କରୁଥିବା ଶୁଭେନ୍ଦୁ ଭୂଷଣ ମହାନ୍ତି କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ କିପରି ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ କରାଯିବ ଏବଂ ଗରିବ ଅସହାୟ ଲୋକମାନେ କିପରି ଥାନାରୁ ଠିକ୍ ନ୍ୟାୟ ପାଇବେ ସେଥିପ୍ରତି ଧ୍ୟାନ ଦେବି ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

## ବେଆଇନ ମାଙ୍କଡ଼ା ଖଣି ପ୍ରସଙ୍ଗ; 'ସକାଳ'ରେ ଖବର ପ୍ରକାଶ ପରେ ତତ୍ପରତା

# ଭଗବତୀପ୍ରସାଦରେ ଚକ୍କର କାଟିଲେ ଖଣି କର୍ମଚାରୀ

ନୟାଗଡ଼,୧।୨(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ, କୋମଣ୍ଡ ପଞ୍ଚାୟତ ଭାଲୁଗାଡ଼ିଆ ଅଞ୍ଚଳରେ ବେଆଇନ ମାଙ୍କଡ଼ା ଖଣି କାରବାର ଚାଲୁଥିବା ନେଇ ରବିବାର ''ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ଖଣି ବିଭାଗରେ ତତ୍ପରତା ପ୍ରକାଶ ପାଇଛି। ବିଭାଗୀୟ କର୍ମଚାରୀ ଦିନତମାମ ଉକ୍ତ ଖଣି ଅଞ୍ଚଳରେ ଚକ୍କର କାଟିଛନ୍ତି। ଭଗବତୀପ୍ରସାଦ ଅଞ୍ଚଳରୁ ଜଙ୍ଗଲ ମଧ୍ୟରେ ଖଣି ମାଫିଆମାନେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଅଞ୍ଚଳକୁ ରାସ୍ତା କରି ମାଙ୍କଡ଼ା ଚାଲାଣ କରୁଥିବା ଦେଖିବାକୁ ପାଇଛନ୍ତି। ବେଆଇନ ଖଣି କାରବାର ରୋକିବାକୁ ନିଶ୍ଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି।

ତଳୁ ଉପର ଯାଏଁ ମାସିକିଆ ଚାନ୍ଦା ଦେଇ ବେଆଇନ ଭାବେ ଚାଲୁଥିବା ଏହି ମାଙ୍କଡ଼ା ପଥର ଚୋରା ଚାଲାଣ ପାଇଁ ରୋହିବାଙ୍କ ବାଘୁଆ ଛକଠାରୁ ବାହାଡ଼ଝୋଲା, ଓଡ଼ଗାଁ ଥାନା ନିକଟରୁ ଗୋଡ଼ିପଲ୍ଲୀ ପର୍ଯ୍ୟନ୍ତ ପ୍ରତି ଛକରେ ଜଗୁଆଳି ଜଗାଯାଉଛି। ନୟାଗଡ଼ ଖଣି ବିଭାଗ ନିକଟରେ ମଧ୍ୟ ରାତିରେ ଜଗୁଆଳି ଜଗାଯାଉଛି। ତେବେ ପୁଲିସ, ତହସିଲ ଓ ଖଣି ବିଭାଗ ଅଧିକାରୀଙ୍କ ଗତିବିଧିକୁ ମାଫିଆ



ନଜରରେ ରଖି ଖେଳ କରୁଛନ୍ତି। ପ୍ରତ୍ୟେକ ରାତିରେ ବେଆଇନ ମାଙ୍କଡ଼ା ଖନନ କରି ଶହ ଶହ ଟ୍ରିପ ଚାଲାଣ ହେଉଛି। ଓଡ଼ଗାଁ ଓ ନୟାଗଡ଼ ବ୍ଲକର କିଛି ଅଞ୍ଚଳରୁ ମାଙ୍କଡ଼ା ପହଞ୍ଚୁଥିବା ବେଳେ ଗଞ୍ଜାମ ଜିଲ୍ଲାକୁ ସର୍ବାଧିକ ମାଙ୍କଡ଼ା ଯାଉଛି। ନୟାଗଡ଼ର ଜଣେ ରାଜନୈତିକ ନେତ୍ରୀଙ୍କ ସହ ଭିତିଆରି ବୁଝାମଣା ହୋଇଥିବା ଚର୍ଚ୍ଚା ହେଉଛି। ଉକ୍ତ ନେତ୍ରୀଙ୍କଠାରୁ ଅଭୟ ବାଣୀ ପାଇ ଏଭଳି କାରବାର ଚାଲୁଛି। ଏହାସହ ମାଫିଆମାନେ ମାସିକିଆ ଚାନ୍ଦା ଦେଇ ଏହି ବେଆଇନ କାରବାର ଚଳାଉଥିବା ବେଳେ ମାଫିଆଙ୍କ ମଧ୍ୟରେ ସିଣ୍ଡିକେଟ୍ କରାଯାଇଛି। ଏହି ସିଣ୍ଡିକେଟ୍‌ର ନେତୃତ୍ୱ ବାପ ଓ ପୁଅ ନେଇଥିବା ଆଲୋଚନା ହେଉଛି। ମାଙ୍କଡ଼ା ବୁହା ହେଉଥିବା ଗାଡ଼ି ଗୁଡ଼ିକରୁ ମାସିକ ୮ରୁ ୧୦ ହଜାର ଲେଖାଏଁ ଆଦାୟ କରି ତଳୁ ଉପର ଯାଏଁ ସମସ୍ତଙ୍କୁ ସନ୍ତୁଷ୍ଟ କରାଯାଉଛି।

ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବେଆଇନ ମାଙ୍କଡ଼ା ଖଣି କାରବାର ଉପରେ କିଛି ଦିନ ରୋକ ଲାଗିଥିବା ବେଳେ ଏବେ ପୁଣି ମାଫିଆ ସକ୍ରିୟ ହୋଇଥିବା ଆଲୋଚନା ହେଉଛି। ନୟାଗଡ଼ ଖଣି ବିଭାଗ ଅଧିକାରୀଙ୍କ ଅପାରଗ ପଣିଆ ଏବଂ ସ୍ୱାର୍ଥପରତା ପାଇଁ ଏଭଳି ବେଆଇନ ଖଣି କାରବାର ସମ୍ଭବ ହୋଇ ପାରୁଛି। ବେଆଇନ ମାଙ୍କଡ଼ା ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଚାଷ ଉଜୁ?ବାକୁ ବସିଥିବା ବେଳେ ଶହ ଶହ ମୃତ ଖଣି ପୋଖରୀ ପାଲଟି ଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରେ ଚାଲୁଥିବା ମାଫିଆ ରାଜ ଉପରେ ପ୍ରଶାସନିକ ପାହାର ଆବଶ୍ୟକତା ରହିଥିବା ବେଳେ ଏହାକୁ ସର୍ବଦା ଅଣଦେଖା କରାଯାଉଛି। ସ୍ଥାନୀୟ ଆରଆଇ ସବୁଜାଣି ନୀରବ ରହୁଥିବା ଏବଂ ଜିଲ୍ଲା ପ୍ରଶାସନକୁ ଏନେଇ ଅବଗତ କରୁନଥିବା ଅଭିଯୋଗ ହେଉଛି। ବେଆଇନ ଖଣି ଖନନ ସମ୍ପର୍କରେ ସ୍ଥାନୀୟ ଆର୍‌ଆଇ ତହସିଲକୁ ଏବଂ ତହସିଲ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ ଅବଗତ କରିବାର ନିୟମ ରହିଛି। ମାତ୍ର ଏନେଇ କୌଣସି ସୂଚନା ମଧ୍ୟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଉନାହିଁ। ବିଗତ ଦିନରେ ଏହି ବେଆଇନ ଖଣି ଖନନ ସମ୍ପର୍କରେ ''ସକାଳ'ରେ ଖବର ପ୍ରକାଶ ପାଇଥିଲା। ତତ୍କାଳୀନ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ନିଜେ କୋମଣ୍ଡ ଅଞ୍ଚଳରୁ ଯାଇ ଛାନଭିନ କରିବା ସହ ସ୍ଥାନୀୟ ଆରଆଇଙ୍କୁ ନିଲମ୍ବନ କରିଥିଲେ। ସେହି ସମୟରେ ତହସିଲଦାରଙ୍କର ମଧ୍ୟ ବଦଳି ହୋଇଥିଲା। ଏହାପରଠାରୁ ଉକ୍ତ ଅଞ୍ଚଳ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଉକ୍ତ ଅଞ୍ଚଳରେ ସମସ୍ତ ବେଆଇନ ଖଣି କାରବାର ବନ୍ଦ କରିବାକୁ ଦାବି ହୋଇଛି।

## କେନ୍ଦ୍ରୀୟ ବଜେଟ ପ୍ରତିକ୍ରିୟା



ଆଜିର କେନ୍ଦ୍ରୀୟ ବଜେଟ ଦେଶର କୋଟିକୋଟି ସାଧାରଣ ଜନତାଙ୍କ ପାଇଁ ନୈରାଶ୍ୟ ଆଣି ଦେଇଥିବା ବେଳେ ପୁଣି ଥରେ ଆରବପତିମାନଙ୍କ ସ୍ୱାର୍ଥ ପାଇଁ କେନ୍ଦ୍ରୀୟ ବଜେଟ ସମର୍ପିତ କରାଯାଇଛି। ବଜେଟ-୨୦୨୬ରେ ଜଳସେଚନ କ୍ଷେତ୍ରରେ ଓଡ଼ିଶାକୁ ଟଙ୍କାଟିଏ ଅର୍ଥରାଶି ମଞ୍ଜୁର ହୋଇ ନ ଥିବାରୁ ନୟାଗଡ଼ ଜିଲ୍ଲାର ଲକ୍ଷଲକ୍ଷ ଚାଷୀଙ୍କ ବହୁ ପ୍ରତୀକ୍ଷିତ ବୃହତ ବୃତ୍ତଙ୍ଗ ଜଳସେଚନ ଯୋଜନା କାର୍ଯ୍ୟକାରିତା ଅନ୍ଧକାର ହୋଇଯିବା ସମ୍ଭାବନା ସୃଷ୍ଟି ହୋଇଛି। ବଜେଟରେ ଶ୍ରମିକଙ୍କ ମଜୁରି ବୃଦ୍ଧି କରାଯାଇ ନାହିଁ। ଘରୋଇ ରନ୍ଧନ ଗ୍ୟାସ ଦର କମ କରାଯାଇ ନାହିଁ। ଶିକ୍ଷିତ ଛାତ୍ରଛାତ୍ରୀଙ୍କ କର୍ମନିଯୁକ୍ତି ପାଇଁ ବ୍ୟବସ୍ଥା ନାହିଁ। ବେରୋଜଗାରଙ୍କ ପାଇଁ ନୂତନ ରୋଜଗାର ସୃଷ୍ଟି କଲା ଭଳି କିଛି ବ୍ୟବସ୍ଥା ନାହିଁ। ତେଣୁ ଏହି ବଜେଟ ସାଧାରଣ ଗରିବ ବିରୋଧୀ।

**ରଣଜିତ ଦାଶ, ଆଇନଜୀବୀ**

## ଜଙ୍ଗଲରୁ ମିଳିଲା ନରକଙ୍କାଳ, ଶରୀରରୁ ମୁଣ୍ଡ ଅଲଗା

ନୟାଗଡ଼/ରଣପୁର,୧।୨(ସମିସ): ଜଙ୍ଗଲ ଭିତରେ ନରକଙ୍କାଳ ଦେଖି ଲୋକେ ଛାନିଆ। ନୟାଗଡ଼ ଜିଲ୍ଲା ରଣପୁର ଥାନା ତାଲକଣି କୋଟପୋଖରୀ ଘାଟି ଜଙ୍ଗଲରୁ ମିଳିଲା ନରକଙ୍କାଳ। ମୁଣ୍ଡଗଣ୍ଡି ଅଲଗା ହୋଇ ପଡ଼ିଥିବା ବେଳେ ଦୁର୍ଗନ୍ଧରେ ଫାଟି ପଡୁଛି ପରିବେଶ। ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଏହି ନରକଙ୍କାଳ ଦେଖି ଛାନିଆ ହୋଇଥିଲେ। ଖବର ପ୍ରସାରିତ ହେବା ପରେ ଲୋକଙ୍କ ଭିଡ଼ ଜମିଥିଲା। ନରକଙ୍କାଳକୁ ଦେଖିଲେ ହତ୍ୟା କରି ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ଧରି ଚର୍ଚ୍ଚା ପରେ ପୁଲିସ ପହଞ୍ଚିଥିଲା। ସ୍ଥାନୀୟ ତାଲକଣୀ ଗ୍ରାମର ଜଣେ ବୟସ୍କ ବ୍ୟକ୍ତି ତ୍ରିଲୋଚନ ମୁଦୁଲି (୭୮) ଗତ କିଛି ମାସ ହେବ ନିଖୋଜ ଥିଲେ। ତାଙ୍କ ମୃତଦେହ ହୋଇଥିବା ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ତାଙ୍କ ପରିବାର ଲୋକେ ପଡ଼ି ରହିଥିବା ଜୋତା ଏବଂ ଗାମୁଛାରୁ ଚିହ୍ନଟ କରିଥିବା ସୂଚନା ମିଳିଛି। ତାଙ୍କୁ ହତ୍ୟା କରି କେହି ଫୋପାଡ଼ିଛି ନାଁ ସେ ଆତ୍ମହତ୍ୟା କରିଛନ୍ତି ତାକୁ ନେଇ ରଣପୁର ପୁଲିସ ଆରମ୍ଭ କରିଛି ତଦନ୍ତ। ଶରୀରରୁ ମୁଣ୍ଡ ଅଲଗା ହୋଇଥିବାରୁ ହତ୍ୟା ସନ୍ଦେହ ଉପୁଜୁଛି।

## ପ୍ରତିଶ୍ରୁତିରେ ଅଟକିଛି ଶୀତଳ ଭଣ୍ଡାର

# ଚାଷୀଙ୍କୁ ମିଳୁନି ଉଚିତ୍ ମୂଲ୍ୟ

ଗଣିଆ,୧।୨(ସମିସ): ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ। ପନିପରିବା ସମେତ ଅତ୍ୟାବଶ୍ୟକ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ପାଇଁ ବହୁ ନେତା ପୂର୍ବରୁ ଶୀତଳ ଭଣ୍ଡାର ପାଇଁ ପ୍ରତିଶୃତି ଦେଇଛନ୍ତି କିନ୍ତୁ ତାହା ପାଣିର ଗାର ପାଲଟିଛି। ଏ ଦିଗରେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଏବେ ପନିପରିବା ଦର ବହୁ ପରିମାଣରେ ହ୍ରାସ ପାଇଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷ କରି ନିଜର ଜୀବିକା ନିର୍ବାହ କରୁଥିବା ଚାଷୀକୂଳ ଏବେ ହତାଶ। ଧାର କରଜ କରି ବର୍ଷ ତମାମ ଜମିରେ ଝାଳ ବୁହା ପରିଶ୍ରମ କରି ପନିପରିବା ଚାଷ କଲେ କିନ୍ତୁ ତା'ର ଉଚିତ୍ ଦାମ୍ ପାଇଲେ ନାହିଁ। ଉପଯୁକ୍ତ ବଜାର ନଥିବାରୁ ଚାଷୀ ବାଧହୋଇ ବେପାରୀ ଧାର୍ଯ୍ୟ କରୁଥିବା ଦରରେ ଉତ୍ପାଦିତ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି। ଗଣିଆ ବ୍ଲକର ୮ଟି ପଞ୍ଚାୟତର ଚାଷୀ ଧାନ ସହିତ ପନିପରିବା ଚାଷ କରୁଛନ୍ତି। ଟମାଟୋ, ବାଇଗଣ, କୋବି, ପୋଟଳ, ମକା, କଲରା, ଭେଣ୍ଡି ଚାଷ କରି ପରିବାର ଭରଣପୋଷଣ କରିଥାନ୍ତି। ବ୍ଲକର ପତୁରିଆ, କାଳିଆପଡା, ଓ୍ୱାଲିପୁର, ରାଜିଙ୍ଗି, କୁମ୍ଭାରଖଣି, ଛାମୁଣ୍ଡିଆ, ରାସଙ୍ଗ ଆଦି ସ୍ଥାନରେ ଅର୍ଦ୍ଧାଧିକ ଚାଷୀ ପନିପରିବା ଚାଷ କରନ୍ତି। ଚଳିତ ବର୍ଷ ଫୁଲକୋବିର ଅଭାବି ବିକ୍ରି ଦେଖିବାକୁ ମିଳିଛି। ଦୁଇକିଲୋ ଓଜନର କୋବିକୁ ମାତ୍ର ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ପନିପରିବା ବିକିଲେ ଚାଷ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା ବି ଭରଣା ହୋଇ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଆବଶ୍ୟକ ବଜାର ଏବଂ ସମ୍ବରକ୍ଷଣରେ ଭିତ୍ତିଭୂମିର ଅଭାବ ଚାଷୀଙ୍କୁ କମ୍ ଦାମରେ ବିକ୍ରି କରିବାକୁ ବାଧ କରୁଛି। ଯଦି



ଜିଲ୍ଲାରେ ଶୀତଳ ଭଣ୍ଡାର ଥାଆନ୍ତା ତେବେ ପନିପରିବା ସଂରକ୍ଷିତ କରି ବଜାର ଚାହିଦା ଅନୁସାରେ ଅଧିକ ଦରରେ ବିକ୍ରୀ କରି ଦି ପଇସା ଲାଭ କରି ପାରନ୍ତା। ଗଣିଆରେ ସପ୍ତାହକୁ ଗୁରୁବାର ଏବଂ ରବିବାର ହାଟ ବସେ। ଏହି ହାଟ ଉପରେ ଗଣିଆ ବ୍ଲକ ସମେତ ଖଣ୍ଡପଡ଼ା, ନରସିଂହପୁର ଅଞ୍ଚଳର ଅନେକ ଚାଷୀ ନିର୍ଭର କରନ୍ତି। ରବିବାର ଗଣିଆ ହାଟକୁ ଫୁଲକୋବି ଆଣିଥିବା ଚାଷୀ ଜିତେନ୍ଦ୍ର କୁମାର ମଲ୍ଲିକ କୋବିର ଚାହିଦା ନଥିବାରୁ ଶାଗମାଛ ଦରରେ ବିକ୍ରୀ କରିଥିବା ଦେଖିବାକୁ ମିଳିଥିଲା। ନୟାଗଡ଼ରେ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜୟନ୍ତୀ

ଭାପୁର,୧।୨(ସମିସ): ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ତଥା ଭାପୁର କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ ଭାପୁର ନିକଟସ୍ଥ ଦୁର୍ଗାପୁର ଖେଳପଡିଆରେ ଖୁବ ଆନନ୍ଦର ସହିତ ପାରିପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶା ବିଭିନ୍ନ ପ୍ରାନ୍ତରୁ ଠାକୁରଙ୍କ ପୂତପଞ୍ଜାଧାରୀ ସହ ପ୍ରତି ଋତ୍ୱିକ, ଅଧ୍ୱର୍ଯ୍ୟୁ ଏବଂ ଯାଜକ କର୍ମୀ ଏବଂ ଗୁରୁଭାଇ, ଗୁରୁମା ଛୋଟ ଛୋଟ ପିଲା ତଥା ଶ୍ରାଦ୍ଧଳୁ ଭକ୍ତଙ୍କ ସମାବେଶ ହୋଇଥିଲା। ଧୃଶାସନ ସାହୁ, ଇଂ. ମନୋଜ କୁମାର ରାଉତ, କିଶୋର କୁମାର କର ଠାକୁରଙ୍କ ଭାବଧାର ଉପରେ ଆଲୋକପ୍ରାପ୍ତ କରି କିଭଳି ଠାକୁରଙ୍କୁ ଆଦର୍ଶ ବର୍ତ୍ତମାନ ସମାଜକୁ ନୂତନ ଦିଗନ୍ତ ଦେଖାଉଛି ତାହା ଲୋକଙ୍କ ପାଖରେ ତୋଳି ଧରିଥିଲେ।

## ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନୋରଞ୍ଜନ କଲେ କଣ୍ଠଶିଳ୍ପୀ ଶକ୍ତି ମିଶ୍ର

ନୟାଗଡ଼/ଗଣିଆ,୧।୨(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆଗାଁ ବନ୍ଦନା, ପାଇକ ଆଖଡ଼ା, ଖୋର୍ଦ୍ଧା, ମା' ମଙ୍ଗଳା ଯୋଡ଼ିଶଙ୍ଖ, ନଟରାଜ ଡ୍ୟାନ୍ସ ଏକାଡେମୀ, ତରଫରୁ ପାଇକ ଆଖଡ଼ାଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଦଶପଲ୍ଲା ଏନଏସି ଅଧକ୍ଷା



ପୁନମ ପ୍ରିୟଦର୍ଶିନୀ, ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ, ସଂଯୋଜକ ଗୋଲଖ ବିହାରୀ ଗୋଛାୟତ ପ୍ରମୁଖ ମଞ୍ଚାସୀନ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଧୂପପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ମହୋତ୍ସବ କମିଟି ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ପାଳନ ଦ୍ୱାରା ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରା ଉଜ୍ଜୀବିତ ହୋଇପାରିବ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ। ନିଜ ନିଜ ଭିତରେ ତିକ୍ତତାକୁ ଭୁଲି ବନ୍ଧୁତ୍ୱ ସ୍ଥାପନ କରିବା ପାଇଁ ଏଭଳି ମେଳା ମହୋତ୍ସବର ଆୟୋଜନ ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଷ୍ଟି ଡାକୁଆଙ୍କ ମାଟିର ସ୍ୱତନ୍ତ୍ର ବାସ୍ନା ରହିଛି ବୋଲି ପ୍ରକାଶ କରିଥିଲେ। ପଲିଶ୍ରୀ ମେଳାରେ ନିଜ ମନ ପସନ୍ଦର ଘରକରଣା ସାମଗ୍ରୀ କ୍ରୟ କରିବାକୁ ମହିଳାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ଖାଦ୍ୟ ଷ୍ଟଲରେ ଭିଡ଼ ଜମିଥିଲା। କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ସୁମଧୁର ସଙ୍ଗୀତରେ ମତୁଆଲା ହୋଇଥିଲେ ଯୁବଗୋଷ୍ଠୀ। ହଜାର ହଜାର ଦର୍ଶକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ମହୋତ୍ସବ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବିଧାୟକ ବେହେରାଙ୍କ ପ୍ରଚେଷ୍ଟାରେ ଏହି ମହୋତ୍ସବ ଆଶାତୀତ ସଫଳତା ଲାଭ କରିଥିବା ଜଣାପଡ଼ିଛି।

## ବେସରକାରୀ ଅଧ୍ୟାପକ ସଂଘ ବୈଠକ



ନୟାଗଡ଼,୧।୨(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ସଂଘ ସାଧାରଣ ବୈଠକ ନୟାଗଡ଼ ଜିଲ୍ଲାର ଜିଲ୍ଲା ସଂଯୋଜକଙ୍କ ଦେବାଶିଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ନୟାଗଡ଼, ଖଣ୍ଡପଡ଼ା, ରଣପୁର, ଗଣିଆ, ଦଶପଲ୍ଲା ଖଣ୍ଡ ସମସ୍ତ ଖଣ୍ଡ ସଂଯୋଜକ ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ବହୁ ମାତ୍ରାରେ ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ଦେବାଶିଷ ମହାପାତ୍ର ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓସନେଲିଆ ରାଜ୍ୟ ସଭାପତି ବିଶ୍ୱରଂଜନ ଦାସ, ଉପସଭାପତି ଅଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାପତିଙ୍କ ସୂଚନା ଦେଇଛନ୍ତି ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ମହାବିଦ୍ୟାଳୟର କାର୍ଯ୍ୟରତ କର୍ମଚାରୀଙ୍କର ଖୁବ୍‌ଶୀଘ୍ର ସରକାରୀ ଅନୁଦାନପ୍ରାପ୍ତ ହେବ ଏବଂ କର୍ମଚାରୀମାନେ ଏଥିରେ ଆଶାୟୀ ଅଛନ୍ତି। ଶେଷରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ସୁଚିସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଞ୍ଜାଇଦେବୀ କ୍ରିକେଟ, ଆରିକମା ଚାମ୍ପିଅନ



ଭାପୁର,୧।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ଗ୍ରାମ ମା' ସଞ୍ଜାଇ ଦେବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବିଜିପୁର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ତଳମାରଡ଼ା ଓ ଆରିକମା କ୍ରିକେଟ କ୍ଲବ। ଟସ ଜିତି ଆରିକମା ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରିଥିଲା। ୧୩୧ ରନର ବିଜୟ ଲକ୍ଷ ନେଇ ତଳମାର? ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନରେ ସୀମିତ ରହି ୨୮ ରନରେ ପରାସ୍ତ ହୋଇଥିଲା। ବିଜୟୀ ଦଳର ବିଶ୍ୱନାଥ ପ୍ରଧାନ ୩ ଓଭର ବୋଲିଙ୍ଗ କରି ୧୪ ରନ ବିନିମୟରେ ୪ ଉଇକେଟ ନେଇ ମ୍ୟାନ ଅଫ ଦି ଫାଇନାଲ ଓ ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ରାକେଶ କୁମାର ଦଳେଇ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ ଶିକ୍ଷାବିତ ଯୋଗିନାଥ ପଟ୍ଟନାୟକ, ସମାଜସେବୀ ସନ୍ତୋଷ କୁମାର ସାହୁ, ବିଜେପି ଜିଲ୍ଲା ପୂର୍ବତନ ସଭାପତି ପ୍ରଦୀପ୍ତ ପଟନାୟକ। ଖେଳ ପରିଚାଳନା କରିଥିଲେ ଗୋବର୍ଦ୍ଧନ ବାରିକ ଏବଂ ମାନସ ରଞ୍ଜନ ଦାସ। ସ୍କୋରରେ ସହାୟତା କରିଥିଲେ ତପନ ରାଉତ, ଶିବପ୍ରସାଦ ଦାସ। ଭାଷ୍ୟକାର ଭାବେ ରାମପ୍ରସାଦ ବଡ଼ଜେନା ଏବଂ ହାପି ରଞ୍ଜନ ଦାୟିତ୍ୱ ତୁଲାଇଥିଲେ।

## ସଡ଼କ ସୁରକ୍ଷା ସଚେତନତା

କଣ୍ଟିଲୋ,୧।୨(ସମିସ): ସ୍ଥାନୀୟ ପୁଲିସ ପକ୍ଷରୁ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ କଲେଜ ଅଧକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ?କ ସୁରକ୍ଷା ସହ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ନୟାଗଡ଼ ଜିଲ୍ଲା ଏମଭିଆଇ ଗୋବିନ୍ଦ ବରନ, ଖଣ୍ଡପଡା ଆଇଆଇସି କୃତ୍ତିବାସ ହରିଚନ୍ଦନ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ, ଅଧ୍ୟାପକ ସୁଜଳ ମହାରଣା ପ୍ରମୁଖ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। କଲେଜ ଛାତ୍ର ଛାତ୍ରୀ ଏକ ଶୋଭାଯାତ୍ରା ରେ ବାହାରି ପରିକ୍ରମା କରିବା ସହିତ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ କରିଥିଲେ। ମାନଗୋବିନ୍ଦ ରାଉତ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ବିଶ୍ୱଶାନ୍ତି ଶୈବ ଯଜ୍ଞ ଓ ସପ୍ତଶମ୍ଭୁ ମିଳନ

ଓଡ଼ଗାଁ,୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ତଥା ଓଡ଼ିଶାର ଅନ୍ୟତମ ଶୈବପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିବା ଜାମୁ ପାଟଣା ଶୂଳିଆ ପାହାଡ଼ ପାଦଦେଶରେ ବିରାଜିତ ପଶ୍ଚିମ ମୁଖା ବାବା ଦୂତୀକେଶ୍ୱର ମହାଦେବଙ୍କ ପୀଠରେ ୮୪ତମ ବିଶ୍ୱଶାନ୍ତି ଶୈବ ଯଜ୍ଞର ପୂର୍ଣ୍ଣାହୁତି ସହିତ ୪୦ତମ ସପ୍ତଶମ୍ଭୁ ମିଳନ ମହୋତ୍ସବ ରବିବାର ଉଦଯାପିତ ହୋଇଛି। ରବିବାର ପୂର୍ଣ୍ଣିମା ତିଥିରେ ସପ୍ତଶମ୍ଭୁଙ୍କ ମିଳନ ମହୋତ୍ସବ ଅନୁଷ୍ଠିତ ହେବା ସହିତ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ, ପ୍ରସାଦ ସେବନ ପୂର୍ବକ ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ୨୭ ଖଣ୍ଡ ମୌଜାବାସୀଙ୍କ ତରଫରୁ ମନ୍ଦିର କମିଟି ସଭାପତି ଲୋକନାଥ ସାହୁ, ଉପସଭାପତି ପ୍ରଫୁଲ୍ଲ ମାଝି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୂଜବଳ, କୋଷାଧକ୍ଷ ପ୍ରତାପ କୁମାର ଜେନା, ଗଣେଶ୍ୱର ନାୟକ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ଗଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଭାବେ ପଣ୍ଡିତ ଶାନ୍ତନୁ କୁମାର ଦାଶଙ୍କ ନେତୃତ୍ୱରେ, ପଣ୍ଡିତ ନାରାୟଣ ଦାଶ, ହେମନ୍ତ କୁମାର ହୋତା, ଗୋଦାବରୀ ଷଡ଼ଙ୍ଗୀ ପ୍ରମୁଖ ବୈଦିକ କର୍ମକାଣ୍ଡି ବ୍ରାହ୍ମଣମାନେ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

## ପ୍ରିୟାଂଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ଜିରୋ ଭୁବନେଶ୍ୱର



ଖଣ୍ଡପଡ଼ା,୧।୨(ସମିସ): ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ୨ୟ ବାର୍ଷିକ ପ୍ରିୟାଂଶିଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚରେ ଭୁବନେଶ୍ୱର କ୍ରିକେଟ କ୍ଲବ ୮୫ ରନ ବ୍ୟବଧାନରେ ନୟାଗଡ଼ କ୍ରିକେଟ ଟିମକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗୋକୁଳାନନ୍ଦ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଜିରୋ ଭୁବନେଶ୍ୱର କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ ୱିକେଟ ହରାଇ ୩୨୨ ରନ କରିଥିଲା। ଜବାବରେ ନୟାଗଡ଼ କ୍ରିକେଟ ଟିମ ୧୭ ଓଭରରେ ୨୩୮ ରନ କରି ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ବିଜୟୀ ଦଳର ତପନ ରାଉତ ୩୩ ବଲରୁ ୧୧୭ ରନର ଧୂଆଁଧାର ପାଳି ଖେଳିବା ସହିତ ଦଳକୁ ବିଜୟୀ କରାଇଥିଲେ। ଗୋପାଳ ବେହେରା ଓ ଜ୍ଞାନରଞ୍ଜନ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ଗୌରାଙ୍ଗ ଚରଣ ସେଠି ସ୍କୋର ଦାୟିତ୍ୱ ନିଭାଇଥିଲେ। ସେହିପରି ଆଲୋକ କୁମାର ରାଉତ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଗଙ୍ଗାଧର ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରକାଶ କୁମାର ଦଳେଇ ପ୍ରମୁଖ ମଞ୍ଚାସୀନ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ସିଧାମୂଳା ଗ୍ରାମର ସମାଜସେବୀ ସୁଶାନ୍ତ କୁମାର ମିଶ୍ରଙ୍କ ସୁପୁତ୍ର ମେଧାବୀ ଇଂଜିନିୟରିଂ ଛାତ୍ର ସ୍ୱର୍ଗତ ପ୍ରିୟାଂଶିଶ ମିଶ୍ରଙ୍କ ସ୍ମୃତିଚାରଣ ସହ ନୀରବ ପ୍ରାର୍ଥନା କରିଥିଲେ ଉପସ୍ଥିତ ଅତିଥିବୃନ୍ଦ। ସୋମବାର କଟକ ସହିତ ଶାଳଝରିଆ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଖେଳାଯିବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।

## ମିନି ଷ୍ଟାଡିୟମରେ ରୋମାଞ୍ଚକର କ୍ରିକେଟ ମୁକାବିଲା

# ରଘୁନାଥ ସେବାୟତ ଓ ପୁଲିସ ଏକାଦଶ ବିଜୟୀ



ଓଡ଼ଗାଁ,୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମରେ ଓଡ଼ଗାଁ ତହସିଲ ଟାଇଗର ସହ ରଘୁନାଥ ସେବାୟତ ଏବଂ ଓଡ଼ଗାଁ ବ୍ଲକ ବ୍ଲାଷ୍ଟର ସହ ଓଡ଼ଗାଁ ପୁଲିସ ଇଲେଭେନ ମଧ୍ୟରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଉଭୟ ମ୍ୟାଚ୍‌ରେ ରଘୁନାଥ ସେବାୟତ ଓ ପୁଲିସ ଇଲେଭେନ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଓଡ଼ଗାଁ ତହସିଲ ଟାଇଗର ଓ ରଘୁନାଥ ସେବାୟତ ମୁହାଁମୁହିଁ ହୋଇଥିଲେ। ରଘୁନାଥ ସେବାୟତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୭୧ ରନ୍ ସଂଗ୍ରହ କରିଥିଲେ। ଲକ୍ଷ୍ୟ ହାସଲ କରିବାକୁ ଯାଇ ଓଡ଼ଗାଁ ତହସିଲ ଟାଇଗର ୧୫ ଓଭରରେ ୬ ଉଇକେଟ ହରାଇ ୧୫୧ ରନ୍ କରି ପରାଜୟ ବରଣ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ଗାଁ ବ୍ଲକ ବ୍ଲାଷ୍ଟର ଓ ଓଡ଼ଗାଁ ପୁଲିସ ଇଲେଭେନ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ବ୍ଲକ ବ୍ଲାଷ୍ଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୨୪ ରନ୍ କରିଥିଲା। ଲକ୍ଷ୍ୟ ହାସଲ କରି ପୁଲିସ ଇଲେଭେନ ୭ ଉଇକେଟ ବିନିମୟରେ ୧୨୫ ରନ୍ କରି ମ୍ୟାଚ୍‌ଟି ଜିତିନେଇଥିଲେ। ଆସନ୍ତା ଛୁଟି ଦିନଗୁଡ଼ିକରେ ଏହିପରି ଅନ୍ୟାନ୍ୟ ମ୍ୟାଚ୍ ଅନୁଷ୍ଠିତ ହେବା ପରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# କେନ୍ଦ୍ର ବଜେଟ୍‌କୁ ନେଇ ଖୋର୍ଦ୍ଧାରେ ମିଶ୍ରିତ ପ୍ରତିକ୍ରିୟା

**ଖୋର୍ଦ୍ଧା,୧୨(ସମିସ): ରବିବାର ଦିନ ମୋଦି ସରକାରଙ୍କ ବଜେଟ୍ ଆଗତ ହୋଇଛି । ପ୍ରଥମ ଥର ପାଇଁ ରବିବାର ଦିନ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ ଆଗତ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଆଗତ ବଜେଟ୍‌କୁ ନେଇ ଖୋର୍ଦ୍ଧାବାସୀଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।**



ଚଳିତବର୍ଷର କେନ୍ଦ୍ର ବଜେଟ ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତା ରମଣ ଲୋକସଭାରେ ଉପସ୍ଥାପନ କରିଛନ୍ତି । ସାଧାରଣ ଲୋକଙ୍କ ପାଇଁ ଏହି ବଜେଟ୍ ରେ ସେଭଳି କୌଣସି ପ୍ରସ୍ତାବ ଆସିନାହିଁ । ଡବଲ ଇଞ୍ଜିନ ସରକାରର ସ୍ଲୋଗାନ ଦେଇ ଶାସନକୁ ଆସିଥିବା କେନ୍ଦ୍ର ସରକାରଙ୍କ ଠାରୁ ସ୍ୱତନ୍ତ୍ର ଓଡ଼ିଶା ଘୋଷଣା ପାଇଁ ରାଜ୍ୟବାସୀ ସବୁବେଳେ ଚାହିଁ ରହିଥିବା ବେଳେ ସେ ସମ୍ପର୍କରେ କିଛି ବି ଏହି ଯୋଜନାରେ ନାହିଁ । ଗରିବ, ମଧ୍ୟବିତ ଲୋକଙ୍କ ପାଇଁ ଏହି ବଜେଟ ଏକ ନିରାଶ ଜନକ ବଜେଟ୍ । ଆତ୍ମ ନିର୍ଭରଶିଳ ଭାରତ ସମ୍ପର୍କ ରେ କେବଳ ଘୋଷଣା ହେଉଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଓଡ଼ିଶା ର ଯୁବକ ନିଯୁକ୍ତି ପାଇଁ ବାହାର ରାଜ୍ୟ କୁ ଯାଉଛି । ତଥାବି ବେଳାଭୂମି, ତୀର୍ଥକ୍ଷେତ୍ର ରେ ଉନ୍ନତି ଏବଂ ନିଯୁକ୍ତି କୁ ନେଇ ଯୋଉ ଯୋଜନା ଘୋଷଣା କରାଯାଇଛି, ତାହାକୁ ବାସ୍ତବ କ୍ଷେତ୍ରରେ କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଦେଖିବାର କଥା ।

-ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସଭାପତି, ଜିଲ୍ଲା ପ୍ରେସ କ୍ଲବ, ଖୋର୍ଦ୍ଧା



କେନ୍ଦ୍ର ସରକାର ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିଛନ୍ତି । କୌଣସି ପ୍ରକାର ଆଖି ଦୃଶିଆ ଯୋଜନା ନାହିଁ । ଓଡ଼ିଶା ଭଳି ବିହାର, ପଶ୍ଚିମବଙ୍ଗ ଏବଂ ଆହୁରି ଅନେକ କ୍ଷୁଦ୍ର ରାଜ୍ୟ କୁ ସ୍ୱତନ୍ତ୍ର ଅନୁଦାନ ଆଶା କରାଯାଉଥିଲା, ତାହା କରାଯାଇନାହିଁ । ଡବଲ ଇଞ୍ଜିନ ସରକାରରେ ଓଡ଼ିଶା କୁ ଯାହା ଆଶା କରାଯାଉଥିଲା, ତାହା କିଛି ବି ଓଡ଼ିଶାକୁ ମିଳିଲା ନାହିଁ । ତେଲ ଲୁଣ ସଂସାର ରେ ବଂଚୁଥିବା ଗରିବ, ନିମ୍ନ ମଧ୍ୟବିତ ପରିବାରଙ୍କ ପାଇଁ ଏହି ବଜେଟ ଆହୁରି ଭାରି ପଡିବ । ବିଶେଷ କରି ମହିଳାମାନଙ୍କ ପାଇଁ ରୋଷେଇ ଘରକୁ କିଛି ବି ରିହାତି ନାହିଁ । ଏ ବଜେଟ ଆଗତ ହେବା ପରେ ରାଜ୍ୟ ହେଉ କି କେନ୍ଦ୍ର ହେଉ, ସବୁଠି ଘୋର ଆର୍ଥିକ କାରବାର ଦେଖାଦେଇଛି । ଋଣ ଭାର ଆହୁରି ବଢ଼ିବ, ଏହି ବଜେଟ୍‌ରେ । ଲୋକ ସଭାରେ ବଜେଟ୍ ଆଲୋଚନା ବେଳେ ବିପକ୍ଷ ଦଳର ସାଂସଦମାନେ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ୍ । ଏ ବଜେଟ ରାଜ୍ୟବାସୀଙ୍କ ପାଇଁ ଭେଳିକି ।

-ଶିଶିର କୁମାର ପରିଡ଼ା, ଆଇନଜୀବୀ



କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ଏହି ବଜେଟ ଅନେକ ପ୍ରକାର ପ୍ରସ୍ତାବ ଘୋଷଣା କରାଯାଇଛି । ସାରା ଭାରତ ବର୍ଷ ରେ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀଙ୍କ ପାଇଁ ବହୁତ୍ ଖୁସି ଖବର ରହିଛି । କୃଷି କ୍ଷେତ୍ର ରେ ଆତ୍ମନିର୍ଭରଶୀଳ ହେବାକୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ରାଶି ଘୋଷଣା କରିଛନ୍ତି । କେନ୍ଦ୍ର ଅର୍ଥ ମନ୍ତ୍ରୀ ଜଣେ ମହିଳା ହୋଇଥିବାରୁ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ କୌଣସି ବ୍ୟବସ୍ଥା ନାହିଁ । ବିଶେଷ କରି ଇନକମ ଟ୍ୟାକ୍ସ ସ୍ଲାବରେ ମହିଳାଙ୍କ କ୍ଷେତ୍ରରେ ଅଧିକ ଟିକସ ଛାଡ଼ ଆଶା କରାଯାଉଥିଲା । ମଧ୍ୟବିତ ପରିବାର ଗୃହିଣୀମାନଙ୍କ ପାଇଁ ଜାଳେଣି ଗ୍ୟାସ ସିଲିଣ୍ଡର ଉପରେ ରିହାତି ବ୍ୟବସ୍ଥା ଆଶା କରାଯାଉଥିଲା । ବଜେଟ ପରେ ସେୟାର ମାର୍କେଟ ଖସିବା ଅର୍ଥ ମୁଦ୍ରାସ୍ଫିତି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି ।

-ସରୋଜିନୀ ରାଉତରାୟ, ଗୃହିଣୀ, ଦିୱାନ୍ ସାହି, ଗୁରୁଜଙ୍ଗ



କେନ୍ଦ୍ରର ଏ ବଜେଟରେ ବେକାରୀଙ୍କ ଲାଗି କିଛି ନାହିଁ । ଗରିବ ଖଟିଖିଆ, ଦଳିତଙ୍କ ପାଇଁ ଆଖିଦୃଶିଆ କିଛି ନାହିଁ । କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ବଜେଟ୍‌ରେ ଓଡିଶା ପାଇଁ ୫ଟି ଖଣିଜ ରେଳ କରିଡର ନିର୍ମାଣ ଫଳରେ ରାଜ୍ୟରୁ କେବଳ ଖଣିଜ ସମ୍ପଦ ରପ୍ତାନି ହେବ । ଓଡ଼ିଶାର ମାଟି ତଳେ ଥିବା ପ୍ରାକୃତିକ ସମ୍ପଦକୁ କଂଚା ମାଲ୍ ରୂପେ ବ୍ୟବହାର କରି ରାଜ୍ୟରେ କାରଖାନା ସ୍ଥାପନ କଲେ ଓଡ଼ିଶାରେ ବେକାରୀ ସଂଖ୍ୟା ହ୍ରାସ ପାଇବା ସହିତ ରାଜସ୍ୱ ବୃଦ୍ଧି ପାଇବ । ସ୍ୱାଧୀନତା ପ୍ରାପ୍ତିର ୭୫ବର୍ଷ ପରେ ଏକ ଖଣିଜ ସମ୍ପଦ ଭରା ଓଡ଼ିଶାରେ ଖଣି ଅଞ୍ଚଳର ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁ ନାହିଁ ।

-ରାମଶଙ୍କର,
ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ



ଏହା ଏକ ଭିତର ଫମ୍ପା ଥାଇ ଅତିରଞ୍ଜିତ ବ୍ରେକିଙ୍ଗ ନିଉଜ ବା ହେଡଲାଇନ ଥିବା ବଜେଟ । କୃଷି, ଶିକ୍ଷା , ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ର ପାଇଁ କୌଣସି ଆଖିଦୃଶିଆ ପ୍ରାବଧାନ ନାହିଁ । ବଜେଟ ପ୍ରମାଣିତ କରିଛି ଯେ ଏ ସରକାର କର୍ପୋରେଟ ମାନଙ୍କ ପାଇଁ ଉଦିଷ୍ଟ । ଓଡିଶା ପାଇଁ କୌଣସି ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ବଜେଟରେ ନାହିଁ । ଅନ୍ୟ ବିକାଶଶୀଳ ଦେଶକୁ ବିଚାରକୁ ନେଲେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଦିଆଯାଇଥିବା ଅର୍ଥ ଅତ୍ୟନ୍ତ ନଗଣ୍ୟ ଓ ଚିନ୍ତାଜନକ । ଶିକ୍ଷା କ୍ଷେତ୍ରକୁ ଦିଆଯାଇଥିବା ଅର୍ଥକୁ ବିଚାରକୁ ନେଲେ ଭାରତ ବର୍ଷରେ ଏକ ଉତ୍କର୍ଷ ଛାତ୍ର ସମାଜ ସୃଷ୍ଟି କରିବା କେବଳ ଅସମ୍ଭବ ନୁହେଁ ଦିବା ସ୍ୱପ୍ନ ମଧ୍ୟ ।

-ଅମିତ ମହାନ୍ତି, ପୂର୍ବତନ ମୁଖପାତ୍ର, ପ୍ରଦେଶ କଂଗ୍ରେସ କମିଟି, ଓଡ଼ିଶା

## ଯୁବପିଢ଼ି ସମାଜସେବାରେ ବ୍ରତୀ ହୁଅନ୍ତୁ

ବେଗୁନିଆ,୧୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ମା' ଖମ୍ବେଶ୍ୱରୀ ଏଣ୍ଟର ପ୍ରାଇଜେସ ପକ୍ଷରୁ ଅସହାୟ ବୃଦ୍ଧ/ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ ହୋଇଥିଲା । ଏଥିରେ ସେବା ସମବାୟ ସମିତିର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତା ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡାଙ୍କ ସଂଯୋଜନାରେ ଚଳଚ୍ଚିତ୍ର ଜଗତର ବରିଷ୍ଠ ପ୍ରଯୋଜକ ରାଜେନ୍ଦ୍ର ପ୍ରସାଦ ପାତ୍ର ମୁଖ୍ୟଅତିଥି, ଚଳଚ୍ଚିତ୍ର ଅଭିନେତା ଦୁର୍ଗାମାଧବ ପାତ୍ର, ଓଡ଼ିଶୀ ନୃତ୍ୟ ଶିଳ୍ପୀ ମୋନାଲି ଷଡ଼ଙ୍ଗୀ, ସରପଞ୍ଚ ଲତା ସେଠୀ, ସମାଜସେବୀ ବାଉରୀ ଶ୍ରୀ ଚନ୍ଦନ ଓ ସଞ୍ଜୟକୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବପିଢି ଗୁରୁଜନଙ୍କୁ ସମ୍ମାନ ଦେବା ସହ ସମାଜସେବାରେ ବ୍ରତୀ ହୋଇ ଅନ୍ୟର ମୁହଁରେ ହସ ଫୁଟାଇବା ପାଇଁ ଆହ୍ୱାନ ଦେଇଥିଲେ ।

## ବିରଞ୍ଚିନାରାୟଣ ପୀଠରେ ବାରୁଣୀ ସ୍ନାନ

ବାଲୁଗାଁ, ୧୨(ସମିସ): ଖୋର୍ଦ୍ଧା ଜିଲ୍ଲାର ବାଣପୁର ବ୍ଲକ ଅନ୍ତର୍ଗତ ଦିକ୍ଷୀତପଡ଼ା ଗ୍ରାମସ୍ଥିତ ଶ୍ରୀ ବିରଞ୍ଚିନାରାୟଣ ପୀଠରେ ରବିବାର ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ମାଘ ମେଳା ବାରୁଣୀ ସ୍ନାନ ଉତ୍ସବ ପାଳିତ ହୋଇଯାଇଛି । ପ୍ରାତଃ ସମୟରୁ ମାନସିକ କରିଥିବା ଉପାସନା କାରୀ ମାନେ ମନ୍ଦିର ପାଶ୍ୱର୍ଦେଇ ପ୍ରବାହିତ କଂସାରୀ ନଈରେ ବାରୁଣୀ ସ୍ନାନକରି ଠାକୁରଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ । ଏହି ପୂର୍ଣ୍ଣିମାରେ ବିରଞ୍ଚି ନାରାୟଣଙ୍କ ଶରଣାପନ୍ନ ହୋଇ ପୂଜା ଆରାଧନା କଲେ ବିଇଞ୍ଚୀ ଚର୍ମ ରୋଗରେ ଆକ୍ରାନ୍ତ ରୋଗୀ ମାନଙ୍କର ରୋଗ ମୁକ୍ତ ହୋଇଥିବା ସାଧାରଣରେ ବିଶ୍ୱାସ ରହିଛି । ଉତ୍ସବରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳି, ବିରଞ୍ଚି ନାରାୟଣ ଯଜ୍ଞ କମିଟି, ଯୁବକ ସଂଘ ପରିଚାଳନା କରୁଥିଲେ ।

## ଭଡ଼ାଘରୁ ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖୋର୍ଦ୍ଧା/ବୋଲଗଡ଼,୧୨(ସମିସ): ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ସେ ରହୁଥିବା ଭଡା ଘରୁ ଉଦ୍ଧାର କରିଛି । ମୃତା ଅଧ୍ୟାପିକା ହେଲେ ବର୍ଷାରାଣୀ ଗଜେନ୍ଦ୍ର(୨୯) ।ବଡ଼କୁମାରୀ ପଞ୍ଚାୟତ ହାଟବସ୍ତ ଅନ୍ତର୍ଗତ ଶ୍ରୀଚନ୍ଦନପୁର ଗ୍ରାମର ନୀଳମଣି ଗଜେନ୍ଦ୍ରଙ୍କ ଝିଅ ବର୍ଷାରାଣୀ ପ୍ରାୟ ୩ ବର୍ଷ ହେବ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିଲେ । ତେବେ ସେ ବୋଲଗଡ଼ରେ ଘର ଭଡା ନେଇ ରହୁଥିଲେ । ତେବେ ଘରର ଲୁହା କବାଟ ଦିଆ ହୋଇଥିବା ଦେଖି ଘର ମାଲିକ ବର୍ଷାରାଣୀକୁ ଡାକିଥିଲେ । କିନ୍ତୁ ସେ କୌଣସି ଉତ୍ତର ନ ଦେବାରୁ ସେ ଝରକା ପଟୁ ଦେଖିବାରେ ଫ୍ୟାନରେ ବର୍ଷାଙ୍କ ମୃତଦେହ ଝୁଲି ରହିଥିଲା । ଏ ନେଇ ଘର ମାଲିକ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ସେଠାରେ ପହଁଚି ଲୁହା କବାଟ କାଟି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତ ଦେହ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଯଦିଓ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି ତଥାପି ପ୍ରେମରେ ବିଫଳ ହେବା ପରେ ମାନସିକ ଭାରସ୍ୟାମ ହରାଇ ଅଧ୍ୟାପିକା ଜଣକ ଏଭଳି କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏ ସଂକ୍ରାନ୍ତରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ପୁଲିସ ସୂଚନା ଦେଇଛି ।



## ଖଜୁରୀପଡ଼ା ମୁସଲିମ୍ ସାହିର ବାର୍ଷିକ ଉତ୍ସବ

ନିରାକାରପୁର,୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଜୁରୀ ପଡ଼ା ମୁସଲିମ ସାହିର ୨୦ତମ ବାର୍ଷିକ ଉତ୍ସବ ଓ ମଦ୍ରାସାର ଉଦଘାଟନ ହୋଇ ଯାଇଛି । ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ଜେନା, ରାମେଶ୍ୱର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଂଜିତ ଜଗଦେବ , ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ବିଜେଡ଼ି ନେତା ବିପିନ କୁମାର ଜୟସିଂହ, ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ, ସନାତନ ବାରିକ, ଶୁଭମ ଦାଶ, ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ, ରାମଚନ୍ଦ୍ର ତ୍ରିପାଠୀ ଓ ଶିବ ଶଙ୍କର ତ୍ରିପାଠୀ, ଅଜୟ ପାତ୍ର, ଖଜୁରୀ ପଡ଼ା ମୁସଲିମ୍ ସାହିର ସଭାପତି ଅନସାରୀ ସାହା ପ୍ରମୁଖ ଉପସ୍ଥିତ ଥିଲେ । ଅବଦୁଲ କଲାମ ସାହା, ଜାଫର ଅଲି ଶାହା, ସାଜୁଦ୍ଦିନ ଖାନ, ହାସନ ଶାହା, ୟୁସୁଫ ଶାହା, ସାଦିକ ଶାହା, ସାଦିକ ଶାହା, କମଲୁଦ୍ଦିନ ଶାହା, ଅବଦୁଲ ଜାକିର ଶାହା, ଫକୁରୁଦ୍ଦିନ ଖାନ, ଲାଲୁ ଶାହା, ବେଲୁନ ସାହା ମୁକ୍ତାର ଶାହା ଓ ସିକନ୍ଦର ଶାହା ପ୍ରମୁଖ ସହଯୋଗ କରିଥିଲେ ।

## ଶ୍ରୀ ରଙ୍ଗନାଥ ଦେବଙ୍କ ଗଜଉଦ୍ଧାରଣ ବେଶ

ବାଣପୁର;୧୨(ସମିସ; ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍ଗନାଥ ଦେବଙ୍କର ବିଭିନ୍ନ ପର୍ବରେ ଭିନ୍ନ ଭିନ୍ନ ବେଶରେ ସୁସଜ୍ଜିତ ହୋଇଥାନ୍ତି । ଏହି କ୍ରମେ ପବିତ୍ର ମାଘ ପୂର୍ଣ୍ଣିମା ତିଥି ରବିବାରରେ ବାଣପୁରର ଶ୍ରୀ ରଙ୍ଗନାଥ ଦେବଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜିଉ ମାନଙ୍କ ମାନବୀୟ ଲୀଳାର ଅନ୍ୟତମ ପ୍ରତୀକ ଗଜଉଦ୍ଧାରଣ ବେଶ ସ୍ୱତନ୍ତ୍ର ନୀତିକାନ୍ତିର ସହ ପାଳିତ ହୋଇଯାଇଛି । ମାଘପୂର୍ଣ୍ଣିମା ସକାଳୁ ଦୈନନ୍ଦିନର ପୂଜା ନୀତି ପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ହେବା ସହ ସିଂହାରୀ ସେବକଙ୍କ ଦ୍ୱାରା ଏହି ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଧୂପରେ ଶ୍ରୀଜିଉ ମାନଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥିଲା । ସନ୍ଧ୍ୟା ଧୂପ ଶେଷ ହେବା ପରେ ସର୍ବସାଧାରଣ ଦର୍ଶନ ତଥା ସାହାଣମେଳା ଅନୁଷ୍ଠିତ ହୋଇଥିଲା । ସାହାଣମେଳା ଦର୍ଶନ ପରେ ମହାସ୍ନାନ ହୋଇ ଶ୍ରୀଜୀଉ ମାନଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା । ପୂଜକ ଚନ୍ଦ୍ର ଶେଖର ହୋତା ଶ୍ରୀଜୀଉ ମାନଙ୍କୁ ବେଶ କରିଥିବା ବେଳେ ଏହି ମନୋ ଲୋଭା ଅପୂର୍ବ ସୁନା ବେଶ ଦର୍ଶନ ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର, ଦାସରଥି ସାହୁ ଓ ସୋମନାଥ ହୋତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଛନ୍ତି ।



## ପୂର୍ବତନ ଜିଲ୍ଲା ଷ୍ଟାଟିଷ୍ଟିକାଲ ଅଧିକାରୀଙ୍କ ପରଲୋକ



ଟାଙ୍ଗୀ,୧୨(ସମିସ): ଟାଙ୍ଗୀ ଗୋଡିଝରପାଟଣାର ଅକ୍ଷୟ କୁମାର ପ୍ରଧାନ (୮୭)ଙ୍କର ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ବାର୍ଦ୍ଧକ୍ୟଜନିତ ପୀଡାରେ ପରଲୋକ ଘଟିଛି । ସେ ଜଣେ ପୂର୍ବତନ ଜିଲ୍ଲା ଷ୍ଟାଟିଷ୍ଟକାଲ ଅଧିକାରୀ ଭାବେ କାର୍ଯ୍ୟରୁ ଅବସର ନେଇଥିଲେ । ଆଜି ଅପରାହ୍ନରେ ସ୍ୱର୍ଗତ ପ୍ରଧାନଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମମାଟି ଟାଙ୍ଗୀରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ଇପସିତ ପଟ୍ଟନାୟକ, ଲମ୍ବୋଦର ବେହେରା, ଯଦୁମଣୀ ପ୍ରଧାନ, ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଅନ୍ତିମ ଦର୍ଶନ ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ସନ୍ତୋଷ କୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ ।

## ପ୍ରାଥମିକ ଚିକିତ୍ସା ତାଲିମ ଶିବିର

ବାଣପୁର,୧୨(ସମିସ) : ବାଣପୁର ବ୍ଲକ କୋଳଥିଡିହ ଗ୍ରାମର ଭବାନୀ ଦେବୀ କିଶୋର ସେବା ସଂଘ ପକ୍ଷରୁ ଏକ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବାମନ ଚରଣ ଦାସଙ୍କ ସଭାପତିତ୍ୱରେ ସେଣ୍ଟଜନ ଆମ୍ବୁଲାନ୍ସର ଆଜୀବନ ସଦସ୍ୟ ଅନନ୍ତ ଚରଣ ଖଟାଇ ପ୍ରଶିକ୍ଷକ ଭାବେ ଯୋଗଦେଇ ଆକସ୍ମିକ ବିପଦ ତଥା ଦୁର୍ଘଟଣାରୁ କିପରି ରକ୍ଷା ପାଇ ପାରିବ ସେ ସମ୍ପର୍କିତ ବିଭିନ୍ନ କୌଶଳ ତାଲିମ ପ୍ରଦାନ କରିଥିଲେ । ଶିବିରରେ ବିଶିଷ୍ଟ ପାଲା ବାୟକ ସୁବାସ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଥିବା ସ୍ଥଳେ ଶିକ୍ଷାବିତ ରମେଶ ରଞ୍ଜନ ଦାସ, ବିନୋଦ ବିହାରୀ ଦାସ, କ୍ଷିରୋଦ ଚନ୍ଦ୍ର ଦାସ, ସୁନିଲ କୁମାର ଦାସ, ବସନ୍ତ କୁମାର ଦାସ ସଂଯୋଜନା କରିଥିଲେ । ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ମିଶନ ଶକ୍ତି ସମ୍ପାଦିକା ସବିତା ଦାସ, ଅଙ୍ଗନବାଡ଼ି କର୍ମୀ ସୁଷମା ଦାସ, ଆଶା କର୍ମୀ ବବି ଦାସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଂଯୁକ୍ତା ଦାସ, ରଶ୍ମିତା ଦାସ, ସୁଜତା ଦାସ, ଝୁନୁ ଦାସ, ଅହଲ୍ୟା ଦାସ, ନଳିନୀ ଦାସ, ମଞ୍ଜୁ ଲତା ଦାସ , ମମତା ଦାସ, ଶୁଭଲକ୍ଷ୍ମୀ ମଙ୍ଗରାଜ, ପୁଷ୍ପଲତା ଦାସ, ସ୍ୱପ୍ନା ଦାସ ଓ କାବେରୀ ଦାସ ସମେତ ପ୍ରାୟ ୮୭ ଜଣ ସଦସ୍ୟ ଯୋଗ ଦେଇ ତାଲିମ ନେଇଥିଲେ ।

## ରାଜସ୍ୱ ଗ୍ରାମ ମାନ୍ୟତାରୁ କାଚେରା ବଞ୍ଚିତ

ବେଗୁନିଆ,୧୨(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କାଚେରା ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପାଇବାରୁ ବଂଚିତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଅଛି । ଯାହାକି ପ୍ରଶାସନକୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ପାରିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଶାସନ ତତ୍ପରତା ଦେଖା ଦେବା ପରିବର୍ତ୍ତେ ସ୍ଥାଣୁ ହୋଇ ରହିଛି । ଏହି ଗ୍ରାମଟି ୧୯୯୮ ମସିହା ବନ୍ଦୋବସ୍ତରେ ରାଜସ୍ୱ ଗ୍ରାମ ଭାବେ ପରିଗଣିତ ହୋଇଥିଲେ ମଧ୍ୟ ସମସ୍ତ ପ୍ରକାର ମୌଳିକ ସୁବିଧାରେ ଘୋର ଅନ୍ତରାୟ ସୃଷ୍ଟି କରିଛି । ସରକାରୀ ସ୍ତରରେ ବିଧିବଦ୍ଧ ବିଜ୍ଞପ୍ତି ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ଶାସନ ସଚିବ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଅବହେଳିତ ହୋଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି । ୨୦୨୫ ମସିହା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ପରେ ସେପ୍ଟେମ୍ବର ୧ରେ ଅଭିଯୋଗ ଶୁଣାଣୀର ୧ ମାସ ମଧ୍ୟରେ ରାଜସ୍ୱ ଗ୍ରାମ ଭାବେ ବିଜ୍ଞପ୍ତି କରିବା ସହ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦୁଃଖର ବିଷୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରିବା ତ ଦୂରର କଥା କୌଣସି ପଦକ୍ଷେପ ନିଆ ଯିବାର ସୁରାକ ପାଇ ନ ଥିବାରୁ ପୁର୍ନବାର ଜିଲ୍ଲାପାଳଙ୍କୁ ଆବେଦନ କରିବା ସହ ଅଭିଯୋଗ ଗୁରୁତ୍ୱ ଦିଆ ନ ଗଲେ ୧୫ ଦିନ ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବ୍ରଜସୁନ୍ଦର ଶିକ୍ଷା ପରିଷଦର ବାର୍ଷିକୋତ୍ସବ

ବାଣପୁର,୧୨(ସମିସ) : ବାଣପୁର ବ୍ଲକ ତୋରସିଂହ ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁଗାଁ ସ୍ଥିତ ବ୍ରଜସୁନ୍ଦର ଶିକ୍ଷା ପରିଷଦର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଶର୍ମିଷ୍ଠା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବ୍ରଜ କିଶୋର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଯୋଗୀନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସଂଘମିତ୍ରା ମହାପାତ୍ର ଏହାକୁ ଉଦଘାଟକ କରିଥିଲେ । ଆୟୋଜିତ ଉତ୍ସବରେ ଅତିଥି ଭାବେ ପ୍ରଫେସରହରିହରକାନୁନଗୋ, ଡ଼.ରଜନୀରଂଜନ ଦାସ, ଡ.କୈଳାଶଚନ୍ଦ୍ରମହାରଣା, ଅଧ୍ୟାପକକୈଳାଶସାହାଣୀଓଇଂ.ବିପିନବିହାରୀପଣ୍ଡା ଯୋଗଦେଇ କବିବ୍ରଜସୁନ୍ଦର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ 'ଶିକ୍ଷା ସଳିତା' ପତ୍ରିକାକୁ ଲୋକାର୍ପଣ କରିଥିଲେ । ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିବା ସ୍ଥଳେ ଶେଷରେ ସୁବର୍ଣ୍ଣ କେଶରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।



## ମା' ଭଗବତୀ ଅନ୍ତର୍ଜାତୀୟ ଫୁଟବଲ : ଦମ୍‌ଦମ୍ କଲିକତା ଚାମ୍ପିଅନ

ନିରାକାରପୁର,୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ଖେଳ ପଡିଆରେ ଛଣଗିରି ଫଚାୟତ ଆଞ୍ଚଳିକ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ମା ଭଗବତୀ ଚତୁର୍ଥ ବାର୍ଷିକ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ରବିନ୍ଦ୍ର ଫୁଟବଲ ଏକାଡେମୀ ଦମ ଦମ କଲିକତା ବନାମ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲ । ଖେଳର ପ୍ରଥମାର୍ଦ୍ଧରେ ଦମ ଦମ କଲିକତା ଆଫ୍ରିକା ଉପରେ ୧ ଗୋଲ ଦେବାରେ ସମର୍ଥ ହୋଇଥିଲା । ଦ୍ୱିତୀୟାର୍ଦ୍ଧ ଖେଳରେ ଦମ ଦମ କଲିକତା ଆଫ୍ରିକା ଉପରେ ଆଉ ଦୁଇଟି ଗୋଲ ଦେଇ ୩-୦ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷ ପାଇଁ ଚାମ୍ପିଅନ ହୋଇଥିଲା । ଇଲେଭେନ ଓଡିଶା ଦଳର ଖେଳାଳି ରୋଶନ ମୁଖାର୍ଜୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ମ୍ୟାନ ଆଫ ସିରିଜ ହୋଇଥିଲେ ଆଫ୍ରିକା ଦଳର ଗାନ୍ଧୀ ବିବେଚିତ ହୋଇଥିଲେ । ଆଜିର ଖେଳକୁ ମହମ୍ମଦ ସକିର, ଶେଖ୍‌ମୁକିମ୍ ଓ ମଦନ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ପରିବେଶବିତ ଡ. ଦିଲୀପ ଶ୍ରୀଚନ୍ଦନ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସରପଞ୍ଚ ପ୍ରଭାତ କୁମାର ଦାସ, ବିରେଶ ରାଜଗୁରୁ, ଛଣଗିରି ସମିତି ସଭ୍ୟା ସୁମିତ୍ରା ବରିଷଲ, ଯୁବନେତା ଭବାନୀ ଶଙ୍କର ବରିଷଲ ଶିକ୍ଷାବିତ୍ କାଳନ୍ଦୀ ଚରଣ ନାୟକ, ଶିକ୍ଷାବିତ୍ ପ୍ରମୋଦ କୁମାର ବୈରିଗଞ୍ଜନ୍, ଉପଦେଷ୍ଟା ନବକିଶୋର ପ୍ରଧାନ, ଉପଦେଷ୍ଟା ବିରେନ୍ଦ୍ର ଦାସ, ସଭାପତି ମନୋରଞ୍ଜନ ସାମନ୍ତରାୟ, ସମ୍ପାଦକ ବିଭୂତି ଭୂଷଣ ଦାଶ ଓ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସୁନ୍ଦରାୟ, ଉପ ସଭାପତି ସେକ ସେରଲି, କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ । ମ୍ୟାନେଜର ସୁଶାନ୍ତ ପରିଡା, ଉପଦେଷ୍ଟା ଜନ୍ ମହାନ୍ତି, ପ୍ରମୋଦ ବୈରିଗଂଜନ, ଲଳିତ ପଟ୍ଟନାୟକ,ସେକ ହମିଦ ରଜାକ ଖାନ ପ୍ରମୁଖ ସହଯୋଗ କରିଥିଲେ ।



## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚିଲିକା,୧୨ (ସମିସ): ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ସ୍ଥିତ ନୀଳକଣ୍ଠ ହାଇସ୍କୁଲର କ୍ରୀଡା ଶିକ୍ଷକ ଶିବଚରଣ ବିଶ୍ୱାଳଙ୍କୁ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅବିଭାବକଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଏକ ସଭା ନୀଳକଣ୍ଠ ହାଇସ୍କୁଲର ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ନାଚୁଣୀ କଲେଜର ପ୍ରାକ୍ତନ ଅଧ୍ୟାପକ ଗଙ୍ଗାଧର ପ୍ରଧାନ, ଯୁବଜ୍ୟୋତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଆଶିଷ କୁମାର ପତି, ଅପର୍ତ୍ତି ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ଦଣ୍ଡପାଣି ହାଇସ୍କୁଲର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ରଥ, ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆଡଭୋକେଟ ଦେବାଶିଷ ରଥ, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ପୂର୍ବତନ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ଶତପଥୀ, ସି.ଆର.ସି.ସି. ବୃନ୍ଦାବନ ମହାରଣା, କବି ଶିବ ପ୍ରସାଦ ତ୍ରିପାଠୀ, ନୀଳକଣ୍ଠ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପରିଡା, ଚିଲିକା ବ୍ଲକ ପିଇଟି ସଂଘର ସଭାପତି ସୁଦୀପ୍ତ କୁମାର ସେଣ, ପି.ଇ.ଟି ସଂଘର ପୂର୍ବତନ ସଭାପତି ପ୍ରତିମା ସୁନ୍ଦରୀ ଦାସ, ଶିକ୍ଷୟତ୍ରୀ ପ୍ରଭାସିନୀ ଦାଶ ଓ ପୂର୍ବତନ ଛାତ୍ର ସୁରେଶ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସଭାକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ନନ୍ଦ ।

# ଚିଲିକାର ବେଆଇନ ଚିଙ୍ଗୁଡ଼ି ଘେରୀ ଉଚ୍ଛେଦ

ବାଲୁଗାଁ, ୧୨(ସମିସ) : ଚିଲିକାକୁ ବେଆଇନ ଘେରି ମୁକ୍ତ କରିବା ପାଇଁ ମତ୍ସ୍ୟଜୀବୀ ମାନେ ବାରମ୍ବାର ଅଭିଯୋଗ କରିଆସୁଥିବା ସ୍ଥଳେ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଚିଲିକା ଜଳ ରାଶିରୁ ବାରମ୍ବାର ଘେରି ଉଚ୍ଛେଦ କରାଯାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ବେଆଇନ ଘେରି ଗଢି ଉଠୁଥିବା ଦେଖିବାକୁ ମିଳୁଛି । ଚିଙ୍ଗୁଡି ଘେରି ଗଢି ଉଠିଥିବା ଯୋଗୁଁ ଚିଲିକାରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଉଥିବାରୁ ମତ୍ସ୍ୟଜୀବୀ ମାନେ ଅନ୍ୟ ଉପାୟ ନପାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି । ଚିଙ୍ଗୁଡି ମାଫିଆ ମାନେ ଚିଲିକା ମଧ୍ୟରେ ଏକର ଏକର ଜାଗାରେ ଜାଲ ବିଛାଇ ଘେରି ସୃଷ୍ଟି କରି ସେ ମଧ୍ୟରେ ବେଆଇନ ଭାବେ ଚିଙ୍ଗୁଡି ଚାଷ କରି ପ୍ରଚୁର ଲାଭବାନ ହେଉଛନ୍ତି । ଫଳରେ ଚିଙ୍ଗୁଡି ମାଫିଆଙ୍କ କବଳରେ ଓ ଲିଜ ଜମି ମାଫିଆ ଯୋଗୁଁ ଚିଲିକା ଅବକ୍ଷୟ ହେବାରେ ଲାଗିଛି । ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରେ ବିଗତ ଦିନରେ ପ୍ରଶାସନ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଇ ଲୋକ ଦେଖାଣିଆ ଘେରି ଉଚ୍ଛେଦ କାର୍ଯ୍ୟକ୍ରମ ମାନ କରି ପ୍ରଶାସନ ଚୁପ ବସି ଯାଇଥିଲେ । ତେବେ ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନ ନ ନେବାର ସୁଯୋଗ ନେଇ ପୁଣିଥରେ ଚିଲିକାରେ ଘେରି ମାନ ମୁଣ୍ଡ ଟେକୁଛି । ଫଳରେ ଘେରି ଉଚ୍ଛେଦ କାର୍ଯ୍ୟ ଏକ ପ୍ରହସନ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଚିଙ୍ଗୁଡି ମାଫିଆ ମାନଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଚିଲିକା ହ୍ରଦରେ ଘେରି ମାନ ଗଢି ଉଠୁଥିବା ମତ୍ସ୍ୟଜୀବୀ ମାନେ ଅଭିଯୋଗ କରିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଗତ ମାସରେ ଯେଉଁ ସ୍ଥାନରୁ ବେଆଇନ ଚିଙ୍ଗୁଡ଼ି ଘେରି ପ୍ରଶାସନର ଉଚ୍ଛେଦ କରି ଥିଲା ସେହି ସ୍ଥାନ ମାନଙ୍କରୁ ଉଚ୍ଛେଦ କରିଅଛି ଦୀର୍ଘ ଏକ ମାସ ପରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୩୦ଓ ୩୧ତାରିଖ ଦୁଇ ଦିନରେ ଚିଲିକାରୁ ୨୮୨ ଏକର ଘେରି ଉଚ୍ଛେଦ କରିଛି । ଚିଲିକା ତହସିଲଦାର କାହ୍ନୁଚରଣ ଘଡେଇଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ତହସିଲ ଅଧିନ ଚିଲିକା ଉପକୂଳ ଘିଅଖଳା ପାଟଷାଣିପୁର ଓ ଖଣ୍ଡୁଆଳକୋଟ ଶାସନ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨୮୨ଏକର ପରିମିତ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଘେରି ଉଚ୍ଛେଦ କରାଯାଇ ୧୬୫ ବଣ୍ଡଲ ତଥା ୭ କୁଇଣ୍ଟାଲ ମସାରି ଜାଲ ସହ ବାଉଁଶ ଓ କିଲା ଆଦି ଜବତ ସେ ସବୁକୁ ପୋଡି ନଷ୍ଟ କରି ଦିଆ ଯାଇଥିବା ସୂଚନା ମିଳିଛି । ଏହି ଘେରି ଉଚ୍ଛେଦ କାର୍ଯ୍ୟରେ ତହସିଲଦାରଙ୍କ ସମେତ ସ୍ଥାନୀୟ ପ୍ରଶାସନ, କର୍ମଚାରୀ ଓ ଶ୍ରମିକ ସାମିଲ ହୋଇଥିଲେ ।



